ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩୧ ଜୁଲାଇ, ୨୦୨୩



## ଗାଡ଼ି ଓଲଟି ୭ କାଉଡ଼ିଆ ଆହତ

ଆନନ୍ଦପୁର,(ସନ୍ତୋଷ ରାଉତ): କେନ୍ଦୁଝର ଜିଲା ଆନନ୍ଦପୁର ୨୦ ନଂ. ଜାତୀୟ ରାଜପଥର ଶୈଳଙ୍ଗ- ଗୋହିରା ମଧରେ ଶନିବାର ବିଳମ୍ବିତ ରାତିରେ ଏକ କାଉଡ଼ିଆଙ୍କ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ଏଥିରେ ୭ ଜଣ ଆହତ ହୋଇଛନ୍ତି। କାଉଡ଼ିଆମାନେ କେନ୍ଦ୍ରାପଡ଼ା ରାଜକନିକାରୁ ଯୋଡ଼ା ବ୍ଲକ୍ ମୁର୍ଗାମହାଦେବ ଶୈବ ପୀଠକୁ ପାଣି ଭାର ଉଠାଇବା ପାଇଁ ଦୁଇଟି ଟାଟା ମେକ୍ସିମୋରେ ଯାଉଥିଲେ। ଗୋଟିଏ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଗାଡ଼ିରେ ଥିବା କାଉଡ଼ିଆଙ୍କ ମଧ୍ୟରୁ ୭ ରୁ ୮ ଜଣ ଆହତ ହୋଇଥିଲେ। ଅନ୍ୟ ଗାଡ଼ି ସହାୟତାରେ ଆହତଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

### ସଂକ୍ଷେପରେ

## ବୃଦ୍ଧଙ୍କ ମୃତଦେହ ଜବତ

ହାଟଡ଼ିହୀ,୩୦।୭(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ଆନନ୍ଦପୁର-ଭଦ୍ରକ ୫୩ ନଂ. ରାଜ୍ୟ ରାଜପଥର ନନ୍ଦିପଦା ଥାନା ବେତିରା ଛକ ନିକଟରେ ଜଣେ ବୃଦ୍ଧଙ୍କ ମୃତଦେହ ଜବତ ହୋଇଛି। ମୃତକଙ୍କ ବୟସ ପ୍ରାୟ ୭୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ରାସ୍ତା ଉପରେ ରକ୍ତ ଛିଟା ପଡ଼ିଥିବା ବେଳେ ରାସ୍ତା କଡ଼କୁ ମୃତଦେହ ଉଲଗ୍ନ ଅବସ୍ଥାରେ ପଡ଼ି ରହିଥିଲା। ନନ୍ଦିପଦା ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ମେଡିକାଲକୁ ପଠାଇଛି। ପରିଚୟ ମିଳିପାରି ନ ଥିବା ବେଳେ ପାରିପାର୍ଶ୍ୱିକ ପରିସ୍ଥିତିରୁ ଏହା ଏକ ଦୁର୍ଘଟଣା ଜନିତ ମୃତ୍ୟୁ ବୋଲି ସନ୍ଦେହ କରାଯାଇଛି।

## ୫ ଦିନ ପରେ ଅପହୃତା ଶିଶୁ ଉଦ୍ଧାର

ଚମ୍ପୁଆ,୩୦।୭(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ପାଞ୍ଚପୋଖରିଆରୁ ଗତ ବୁଧବାର ଏକ ୪ ବର୍ଷର ଶିଶୁ କନ୍ୟା ଅପହରଣ ହୋଇଥିଲା। ଜଣେ ଅଜଣା ବ୍ୟକ୍ତି ନେଇ ଫେରାର ହୋଇଯାଇଥିଲେ। ଅଭିଯୋଗ ପରେ ଚମ୍ପୁଆ ଥାନାରେ ମାମଲା(ନଂ-୧୧୦/୨୩) ରୁଜୁ ହୋଇଥିଲା। ରବିବାର କେନ୍ଦୁଝର ଯୋଗୀମଠ ଅଞ୍ଚଳରେ ଶିଶୁଟିଥିବା ଖବରପାଇ ପୋଲିସ ଉଦ୍ଧାର କରିଛି। ଅଭିଯୁକ୍ତ ଖସି ପଳାଇଥିବା ତଦନ୍ତକାରୀ ଅଧିକାରୀ ଶାନ୍ତନୁ କୁମାର ଜେନା ସୂଚନା ଦେଇଛନ୍ତି। ଏସ୍‌ପି କୁଲସଲକର ନୀତିନଙ୍କ ନିର୍ଦ୍ଦେଶ କ୍ରମେ ଚମ୍ପୁଆ, ଝୁମ୍ପୁରା, ବାରିଆ ଓ ପାଟଣା ପୋଲିସ ପକ୍ଷରୁ ଶିଶୁ କନ୍ୟାର ଉଦ୍ଧାର ପାଇଁ ତଦନ୍ତ ଆରମ୍ଭ କରାଯାଇଥିଲା। ଶିଶୁ ଉଦ୍ଧାର କାର୍ଯ୍ୟରେ ଡ୍ରାଇଭର ସଂଘ ସହାୟତା କରିଥିଲା।

## ପ୍ରଧାନ ଶିକ୍ଷକଙ୍କ ଅକାଳ ବିୟୋଗ

ଢେଙ୍କିକୋଟ,୩୦।୭(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଗଣ୍ଡବେଡ଼ା ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ନାୟକ(୫୩)ଙ୍କ ଶନିବାର ଅକାଳ



ବିୟୋଗ ଘଟିଛି। ତାଙ୍କ ନିଜ ଘର ଢେଙ୍କିକୋଟ ପୋଲିସ ଫାଣ୍ଡି ଅନ୍ତର୍ଗତ ଖଣ୍ଡଘର ପଞ୍ଚାୟତ ମହୁଲଗାଡ଼ିଆ ଗ୍ରାମରେ। ସେ କିଛି ଦିନ ହେବ ମଧୁମେହ ରୋଗରେ ଆକ୍ରାନ୍ତ ହୋଇ କଟକରେ ଚିକିତ୍ସାଧୀନ ଥିଲେ। ସେ ଜଣେ ଛାତ୍ର ବତ୍ସଳ, ମେଳାପୀ, ମିଷ୍ଟଭାଷୀ ଶିକ୍ଷକ ଥିଲେ। ମୃତଦେହ ରବିବାର ଗାଁରେ ପହଞ୍ଚିବା ପରେ ବହୁ ଜନସାଧାରଣ, ଗ୍ରାମବାସୀ, ଭଦ୍ର ବ୍ୟକ୍ତି ଏବଂ ସହପାଠୀ ପହଞ୍ଚି ପୁଷ୍ପମାଲ୍ୟ ଅର୍ପଣ କରି ଶେଷ ଦର୍ଶନ କରିଥିଲେ। ନିଜ ବଗିଚାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ସାନ ପୁଅ ସତ୍ୟଜିତ୍ ନାୟକ ମୁଖାଗ୍ନି ଦେଇଥିଲେ।

# ୩ ଗାଁର ୨୫୦ ଘର, ୫ଶହ ଏକର ଚାଷଜମି ନିଶ୍ଚିହ୍ନ ହେବା ଆଶଙ୍କା

### ବାଲି ଚାଲାଣକାରୀଙ୍କ କବ୍‌ଜାରେ ସୁବର୍ଣ୍ଣରେଖା ନଦୀ ଅବବାହିକା

ବାଲିଆପାଳ, ୩୦।୭(ଗୋପାଳ ଚନ୍ଦ୍ର ସାହୁ)

ସୁବର୍ଣ୍ଣରେଖା ନଦୀ ଅବବାହିକାର ବାଲି ଓ ମାଟି ଏବେ ଚୋରାଚାଲାଣକାରୀଙ୍କ କବ୍‌ଜାରେ। କେଉଁଠି ଡଙ୍ଗାରେ ତ କେଉଁଠି ଜେସିବି ଲଗାଇ ହଜାର ହଜାର ଟ୍ରିପ୍ ବାଲି, ମାଟି ଖୋଳି ନେଉଛନ୍ତି। ନଦୀ ଅବବାହିକାରେ କୃତ୍ରିମ ନଦୀ ସୃଷ୍ଟି ହୋଇଛି। ବନ୍ୟା ଆସିଲେ ଧନ ଜୀବନକୁ ପ୍ରଭାବିତ ହେବା ନେଇ ଚିନ୍ତା ପ୍ରକଟ କରିଛନ୍ତି ସୁବର୍ଣ୍ଣରେଖା ନଦୀକୂଳିଆ ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତର ଚଡ଼ବଢ଼ାପାଳ, ଛୋଟଖାନପୁର ଓ ବଡ଼ଖାନପୁର ଗାଁର ଗ୍ରାମବାସୀ। ଯେଉଁ ହାରରେ ପ୍ରତିଦିନ ଚୋରାରେ ବାଲି ଉଠାଯାଉଛି ସୁବର୍ଣ୍ଣରେଖାରେ ବନ୍ୟା ଆସିଲେ ଏହି ୩ଟି ଗ୍ରାମର ୨୫୦ରୁ ଅଧିକ ପରିବାରର ଘରଦ୍ୱାର ସୁବର୍ଣ୍ଣରେଖା ନଦୀଗର୍ଭକୁ



ଟ୍ରାକ୍ଟର ଯୋଗେ ବାଲି ଚୋରା ଚାଲାଣ।

ଚାଲିଯିବା ସହିତ ପାଖାପାଖି ୫ଶହ ଏକର ଚାଷଜମି ବାଲିଚର ହୋଇଯିବ ବୋଲି ଗ୍ରାମର ଅମୂଲ୍ୟ ନନ୍ଦୀ, ଅନନ୍ତ ସାହୁ, ବେଣୁଧର ନନ୍ଦୀ, ଅଜୟ ଅଣ୍ଡିଆ, ବିଶ୍ୱଜିତ ଅଣ୍ଡିଆ, ରାଜେନ୍ଦ୍ର ମାହାନା, ନୀଳକଣ୍ଠ ରଣାଙ୍କ ସହିତ ବହୁ ଗ୍ରାମବାସୀ ଆଶଙ୍କା କରି ଅଭିଯୋଗ କରିଛନ୍ତି।

ପୂର୍ବର ସୁବର୍ଣ୍ଣରେଖା ନଦୀର ପ୍ରଳୟଙ୍କରୀ ବନ୍ୟାରେ ଏହି ୩ଟି ଗାଁର ବହୁ ଲୋକ ସେତେବେଳେ ମୃତ୍ୟୁବରଣ କରିବା ସହିତ ଗୋରୁଙ୍କ ଜୀବନ ମଧ ଯାଇଥିଲା। ବନ୍ୟାରେ ସମ୍ପୂର୍ଣ୍ଣ ଭାବେ ଘରଦ୍ୱାର ନିଶ୍ଚିହ୍ନ ହୋଇଯାଇଥିଲା। କିଛି ବର୍ଷ ପରେ ଗ୍ରାମବାସୀ ନିଜକୁ ସଳଖି ଘର ଦ୍ୱାର କରି ବସତି ସ୍ଥାପନ କରିଛନ୍ତି। ବାଲି ଚୋରାଚାଲାଣକାରୀମାନେ ନିଜ ସ୍ୱାର୍ଥ ପାଇଁ ୩ଟି ଗାଁର ଜୀବନଜୀବିକାକୁ ଜଳାଞ୍ଜଳି ଦେବାକୁ ପଛାଉନାହାନ୍ତି। ବାରମ୍ବାର ଅଭିଯୋଗ ହେଲେ ପ୍ରଶାସନ ବେଳେ ବେଳେ ଚଢ଼ାଉ କରି ଜରିମାନା ନେଇ ଯାଉଛନ୍ତି। ତା' ପରେ ଯେଭଳି ବାଲିଉଠା ଚାଲିବା କଥା, ସେପରି ଚାଲୁଛି। ଏ ଦିଗରେ ଜିଲାପାଳ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## 'ଜରି ଗୋଟାଇବା ଝିଅ'ର ରୌପ୍ୟ ଜୟନ୍ତୀରେ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିଗଣ।

ବାଲେଶ୍ୱର, ୩୦।୭ (ମାନସ ବିଶ୍ୱାଳ)

ବାଲେଶ୍ୱର ସହର କବିତୀର୍ଥ ଶାନ୍ତିକାନନ ପରିସରରେ ପ୍ରତିଭାଶ୍ରୀ ମୁଖ୍ୟ ତଥା ବିଶିଷ୍ଟ କବି ଓ କଥାକାର ପ୍ରଶାନ୍ତ ଦାସଙ୍କ 'ଜରି ଗୋଟାଇବା ଝିଅ'ର ରୌପ୍ୟ ଜୟନ୍ତୀ ଉପଲକ୍ଷେ ଏକ ଆଲୋଚନାଚକ୍ର ଜୟନ୍ତୀ ପାଳନ କମିଟି ଓ ଫକୀରମୋହନ ସାହିତ୍ୟ ପରିଷଦର ମିଳିତ ଆନୁକୂଲ୍ୟରେ ପାଳିତ ହୋଇଯାଇଛି।

ପରିଷଦ ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗ ପ୍ରଫେସର ସୂର୍ଯ୍ୟେନ୍ଦୁ ଦେ, ବରେଣ୍ୟ ଅତିଥି ଭାବେ ବରିଷ୍ଠ ପ୍ରାବନ୍ଧିକ ଡ. ଶିରୀଶ ଚନ୍ଦ୍ର ଜେନା ଓ ବକ୍ତା ଭାବେ କବି ଶ୍ରୀଦେବ ଓ ଗାଳ୍ପିକ ନିବାରଣ ଜେନା ଯୋଗଦେଇ ପୁସ୍ତକରେ କବିଙ୍କର ମାନବାତ୍ମା ପ୍ରତି ଗଭୀର ସମ୍ବେଦନଶୀଳତା ଓ ମାନବବାଦୀ ଦୃଷ୍ଟିଭଙ୍ଗୀ ସମ୍ପର୍କରେ ଆଲୋଚନା କରିଥିଲେ। ଯୁଗ୍ମ ସମ୍ପାଦକ ଡ. ସାରଙ୍ଗଧର ତ୍ରିପାଠୀ ପ୍ରାକ୍ କଥା ରଖିଥିବାବେଳେ ସମ୍ପାଦକ ଦୀପକ ବୋଷ ଓ ସାମାଜିକ କର୍ମୀ ରାଜେଶ ଗିରି ଉତ୍ସବ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ରୋଟାରୀ ପକ୍ଷରୁ ପ୍ରେରଣା ଉତ୍ସବ

### ୧୦୦ ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ସାମାଜିକ କର୍ମୀ ସମ୍ବର୍ଦ୍ଧିତ



ଅତିଥିଙ୍କ ଦ୍ୱାରା ଜଣେ ଅଙ୍ଗନୱାଡ଼ି କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାଲେଶ୍ୱର, ୩୦।୭ (ମାନସ ବିଶ୍ୱାଳ)

ବାଲେଶ୍ୱର ସହର ଏଡ଼ିଏମ୍ ଛକସ୍ଥିତ ରୋଟାରୀ କ୍ଲବ ପରିସରରେ 'ପ୍ରେରଣା ଉତ୍ସବ' ରବିବାର ଅନୁଷ୍ଠିତ ହୋଇଛି। ସମାଜରେ ବିଭିନ୍ନ ସେବାମୂଳକ କାର୍ଯ୍ୟରେ ନିୟୋଜିତ ୧୦୦ଜଣ ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ ସାମାଜିକ କର୍ମୀଙ୍କୁ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।

ଉତ୍ସବରେ କ୍ଲବ ସଭାପତି ପ୍ରଦୀପ୍ତ ପଣ୍ଡା ସଭାପତିତ୍ୱ କରି ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ ସାମାଜିକ କର୍ମୀଙ୍କୁ ପ୍ରୋତ୍ସାହନ ଦେଇ ସେମାନଙ୍କ ପ୍ରେରଣାକୁ ଉଦ୍‌ଜୀବିତ କରିବା କ୍ଲବର ଏକ ପ୍ରୟାସ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇଥିଲେ। ସମସ୍ତ ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ ସମାଜସେବୀଙ୍କୁ ଉନ୍ନତମାନର ସେବା ଯୋଗାଇବା ପାଇଁ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଜିଲାପାଳ ସୁଧାକର ନାୟକ ଓ ବରିଷ୍ଠ ଖବରଦାତା ମଧୁସୂଦନ ଦାସ ଅତିଥି ଭାବେ ଯୋଗଦେଇ ଉନ୍ନତ ସେବା କରି ଉଦାହରଣ ସାଜିବା ପାଇଁ ଏହି ପ୍ରେରଣା ଉତ୍ସବ ଏକ ମାଧ୍ୟମ ବୋଲି ପ୍ରକାଶ କରିଥିଲେ। ମୁଖ୍ୟ ଉପଦେଷ୍ଟା ସୁବ୍ରତ କର, ଚେୟାରମ୍ୟାନ ଦେବେନ୍ଦ୍ର କୁମାର ଧଳ, ଶାନ୍ତନୁ ପାଣି, ନିକୁଞ୍ଜ ମହାନ୍ତି, ଭାବଗ୍ରାହୀ ମହାନ୍ତି, ସତ୍ୟନାରାୟଣ ନନ୍ଦ, ରାଜଲକ୍ଷ୍ମୀ ଯତି, ପ୍ରବାଳ ସିହ୍ନା, ଲକ୍ଷ୍ମୀପ୍ରିୟା ଯେନା, ସୁଜାତା ପଟ୍ଟନାୟକ, ସନ୍ତୋଷ ନାହାକ, ବିକ୍ରମଜିତ କର, ସୌରଭ ବେହେରା, ଭି. ଉଦୟ କୁମାର, କଲ୍ୟାଣ କୁମାର ଚାନ୍ଦ, ଉଦୟ ରଞ୍ଜନ ଦାସ, ଗୀତା ଗିରି, ପଦାରବିନ୍ଦ ମହାପାତ୍ର, ପ୍ରଭାତ ରଞ୍ଜନ ଜେନା, ରାଜେଶ କୁମାର ବର୍ଦ୍ଧନ, ପ୍ରଭଞ୍ଜନ ପାଢ଼ୀ, ମନୋରଞ୍ଜନ ଦାସ, ଯୋଗେଶ ସାହା, ଚିତ୍ତରଞ୍ଜନ ନାୟକ ଓ କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ ସୁଧାଂଶୁ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଗୁରୁତର ନାବାଳକଙ୍କୁ ବଞ୍ଚାଇବାକୁ ପ୍ରାର୍ଥନା

### ମୃତ୍ୟୁ ପରେ ୨ ଗୋଷ୍ଠୀ ମୁହାଁମୁହିଁ

ପାଟଣା,୩୦।୭(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡୁମୁରିଆ ପଞ୍ଚାୟତ ଉପାନ୍ତ ଅଞ୍ଚଳରେ ନାବାଳକଙ୍କୁ ବଞ୍ଚାଇବାକୁ ପ୍ରାର୍ଥନା ସମୟରେ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଯାଇଛି। ଧର୍ମାନ୍ତରୀକରଣକୁ ନେଇ ଅଞ୍ଚଳରେ ବିବାଦ ଲାଗି ରହିଥିବା ବେଳେ ଘଟଣା ପରେ ୨ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଛି। ସାହିର ଜନୈକ ନାବାଳକଙ୍କୁ ଟିଙ୍କ ଉକୁଣୀ ଜ୍ୱର ହୋଇଥିଲା। ପରିବାର ଲୋକେ ଗୁରୁବାର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଶନିବାର ସୁସ୍ଥ ହୋଇ ଘରକୁ ଫେରିଥିଲେ। ରବିବାର ଦେହ ପୁଣି ଖରାପ ହେବାରୁ ଜନୈକ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କ ଘରକୁ ନେଇ ଉକ୍ତ ଧର୍ମର ଠାକୁରଙ୍କ ଫଟୋ ଆଗରେ ପ୍ରାର୍ଥନା କରିଥିଲେ। ଏହି ସମୟରେ ନାବାଳକଙ୍କ ମୃତ୍ୟୁ ଘଟିଥିଲା। ଖବର ପ୍ରଚାର ପରେ ୨ ଶହରୁ ଊର୍ଦ୍ଧ୍ୱ ଲୋକେ ବାଇଦବଜାରେ ଏକତ୍ରିତ ହୋଇଥିଲେ। ଉଭୟ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଉତ୍ତେଜନା ମଧ୍ୟରେ ପରିବାର ଲୋକେ ମୃତଦେହ ନେଇ ଶେଷକୃତ୍ୟ କରିଦେଇଥିବା ଜଣାପଡ଼ିଛି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ।

## ୫୧ ୟୁନିଟ ରକ୍ତ ସଂଗ୍ରହ

ଆରଡ଼ି, ୩୦।୭ (ଦୀପ୍ତି ରଞ୍ଜନ ନାୟକ)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଓଳଗଠାରେ ଭାଜପା ଆଖଣ୍ଡଳମଣି ମଣ୍ଡଳ ପକ୍ଷରୁ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି କିଶୋର ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଓଳଗ, ସୁନ୍ଦରପୁର, ଆରଡ଼ି ଓ ନାନ୍ଦପୁର ପଞ୍ଚାୟତର ସ୍ୱେଚ୍ଛାସେବୀମାନେ ରକ୍ତଦାନ କରିଥିଲେ। ଶିବିରରେ ୫୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଦୀପକ ରଞ୍ଜନ ବିଶ୍ୱାଳ, ସୁରେଶ ମହାଳିକ, ସୁବ୍ରତ ବିଳାସ, ଦୁଷ୍ମନ୍ତ ବାରିକ, ପଦ୍ମଲୋଚନ ବାରିକ, ମନ୍ମଥ ନାୟକ, ବିବେକାନନ୍ଦ ବିଶ୍ୱାଳ, ଗୌତମ ନାୟକ, ଶୁଭମ ବେହୁରିଆ, ସୁମନ ବାରିକ, ପ୍ରଫୁଲ୍ଲ ସୂତାର, ସୁଧାଂଶୁ ନାୟକ, ମାନସ ପଣ୍ଡା, ଖଗେଶ୍ୱର ବାରିକ ପ୍ରମୁଖ ଶିବିର ପରିଚାଳନାରେ ସହାୟତା କରିଥିଲେ।



ଶିବିରରେ ଜଣେ ବ୍ୟକ୍ତି ରକ୍ତଦାନ କରୁଛନ୍ତି।

ରେଳ ଦୁର୍ଘଟଣାରେ ସମୟରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ରକ୍ତ ଅଭାବ ଦେଖାଦେଇଥିବାରୁ ଏହି ଶିବିର ଆୟୋଜନ କରିବା ଆବଶ୍ୟକ ଥିଲା ବୋଲି ଭାଜପା ମଣ୍ଡଳ ସଭାପତି ନାୟକ କହିଛନ୍ତି।

# ୨୧ରେ ନୂଆଦିଲ୍ଲୀରେ ବିକ୍ଷୋଭ

### ହୋ ଭାଷାକୁ ସାମ୍ବିଧାନିକ ମାନ୍ୟତା ଦାବି

ରାଇରଙ୍ଗପୁର,୩୦।୭(ମନୋରଞ୍ଜନ ତିରିଆ)

ଆଦିବାସୀ ହୋ ଭାଷାଭାଷୀଙ୍କ ତରଫରୁ ହୋ ଭାଷାକୁ ସାମ୍ବିଧାନିକ ମାନ୍ୟତା ନିମନ୍ତେ ଦୀର୍ଘଦିନ ଧରି ଆନ୍ଦୋଳନ ହୋଇ ଆସୁଛି। ହୋ ଭାଷା ଆନ୍ଦୋଳନକୁ ସମର୍ଥନ କରୁଥିବା ବିଭିନ୍ନ ସଂଗଠନଗୁଡ଼ିକର ସମ୍ମିଶ୍ରଣରେ ସର୍ବ ସମ୍ମତିକ୍ରମେ ୨୦୧୧ରେ ରାଇରଙ୍ଗପୁରଠାରେ ଅଖିଳ ଭାରତ ହୋ ଭାଷା କ୍ରିୟାନୁଷ୍ଠାନ କମିଟି ଗଠିତ ହୋଇଥିଲା। ପରେ ସଂଗଠନ ଜାତୀୟ ସ୍ତରରେ ହୋ ଭାଷାର ମାନ୍ୟତା ଦାବିରେ ଆନ୍ଦୋଳନ ନେତୃତ୍ୱ ନେଇ ଆସୁଛି। ଏଥି ମଧ୍ୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ୩ ଥର, ଝାଡ଼ଖଣ୍ଡ ପ୍ରଦେଶ ସରକାରଙ୍କ ଦ୍ୱାରା ୨ଥର ହୋ ଭାଷାକୁ ସାମ୍ବିଧାନିକ ମାନ୍ୟତା ପାଇଁ କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରାଳୟକୁ



ହୋଇ ଭାଷା କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ।

ସୁପାରିଶ୍ ପତ୍ର ପଠାଯାଇଛି। ମାତ୍ର କିଛି ଫଳ ନି ମିଳିବାରୁ ତୃତୀୟ ଥର ପାଇଁ ନୂଆଦିଲ୍ଲୀରେ ଅଗଷ୍ଟ ୨୧ରେ ବିକ୍ଷୋଭ ପ୍ରଦର୍ଶନ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ବିକ୍ଷୋଭକୁ ସଫଳ କରିବା ନିମନ୍ତେ କ୍ରିୟାନୁଷ୍ଠାନ କମିଟିର ମୟୂରଭଞ୍ଜ ଜିଲା ଶାଖା ସଭାପତି ଆଇନଜୀବୀ ବିର୍ସା କଣ୍ଡାଂକେଲଙ୍କ ଆବାହକତ୍ୱରେ ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ରାଇରଙ୍ଗପୁରର ଇନ୍ଦିରା ପାର୍କ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ(ଏସ୍‌ଡ଼ିସି) ସଭ୍ୟ ଜଲେନ୍ ବାର୍ଦ୍ଦା, ଆଇନ୍‌ଜୀବୀ ଟିକୁନ୍ ଜେରାଇ, ଅନୀଲ ବିରୁଆ, ଟାଙ୍ଗୁରୁ ବୈପାଇ, ହୋ ସମାଜ ସିଦାହରା ସୁସାର ଆକାଳାର ରାଇରଙ୍ଗପୁର ଶାଖା ସଭାପତି ପଦ୍ମଚରଣ ବାନରା, ଭାରତୀୟ ଜୀବନ ବୀମା ନିଗମର ଅବସରପ୍ରାପ୍ତ ଅଧିକାରୀ ଯୋଗେଶ୍ୱର ଚାତାର, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍‌ର ଅବସରପ୍ରାପ୍ତ ଅଧିକାରୀ ଜୟପାଲ୍ ସିଂ ମୁନ୍ଦୁୟା, ପୂର୍ବତନ ସରପଞ୍ଚ ରାଜାରାମ ବାଗେ, ଟାଙ୍ଗୁରୁ ବୈପାଇ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ମୋରଡ଼ା ପ୍ରେସ କ୍ଲବ୍‌ର ବୈଠକ

ମୋରଡ଼ା,୩୦।୭(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ପ୍ରେସ୍ କ୍ଲବ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ଚିତ୍ରଡ଼ାସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୋରଡ଼ା ପ୍ରେସକ୍ଲବ୍‌ର ସଭାପତି ଘାସିରାମ ବେହେରା ସଭାପତିତ୍ୱ କରିଥିବା ବେଳେ ବ୍ଲକ୍‌ର ବିଭିନ୍ନ ଅଞ୍ଚଳର ଜନସାଧାରଣଙ୍କ ସମସ୍ୟା ସମ୍ପର୍କିତ ଆଲୋଚନା ସହ ଲୋକଙ୍କ ସମସ୍ୟା ଦୂର କରିବାରେ ଖବରଦାତାମାନେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ କିପରି ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି ସେ ବାବଦରେ ଆଲୋଚନା କରାଯାଇଥିଲା। ସେହିପରି ଖବର ପ୍ରସାରଣ ମାଧ୍ୟମରେ ମୋରଡ଼ା ବ୍ଲକ୍‌ର ଐତିହ୍ୟ, ସଂସ୍କୃତି, ପରମ୍ପରାଙ୍କୁ ସ୍ଥାନ ଦେବା ନିମନ୍ତେ କ୍ଲବ୍ ତାର ପ୍ରୟାସ ଜାରି ରଖିବ ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ଏଥିସହିତ ସମୂହ ନିରପେକ୍ଷତାକୁ ଅସ୍ତ୍ର କରି ଖବରଦାତା ତଥା ପ୍ରେସ୍ ପ୍ରତିନିଧି ତାର ଖବର ପରିବେଷଣ କରିବାର ଆବଶ୍ୟକତା ଅଛି ବୋଲି ମତପୋଷଣ କରାଯାଇଥିଲା। ବୈଠକରେ କ୍ଲବ୍‌ର ସମ୍ପାଦକ ବିଶ୍ୱବନ୍ଧନ ବେହେରା, ଉପସଭାପତି ରବୀନ୍ଦ୍ରନାଥ ମହାନ୍ତ, କୋଷାଧ୍ୟକ୍ଷ ଅବିନାଶ ମହାନ୍ତି, ଉପଦେଷ୍ଟା ରଣଜିତ୍ ସାହୁ, ରଜତ ମହାନ୍ତ, ମନୋଜ ବେହେରା, ଅରବିନ୍ଦ ତୁଙ୍ଗ, ତୁଷାର ବେହେରା, ସ୍ମାରକ ମାଜୀ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟ ଶିବିର କରି ଲୋକଙ୍କୁ ସେବା ଯୋଗାଇଲେ

ଧାମନଗର,୩୦।୭ (ଦେବେନ୍ଦ୍ର ଆଦିଆ)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଧୂଷୁରିସ୍ଥିତ ମୁରଲୀଧର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପୂଜ୍ୟପୂଜା ସଂସଦ ଆନୁକୂଲ୍ୟରେ ରବିବାର ଏକ ମେଗା ସ୍ୱାସ୍ଥ୍ୟ ଶିବିର କରାଯାଇ ରୋଗୀମାନଙ୍କୁ ସେବା ଯୋଗାଇ ଦିଆଯାଇଛି। ଡା. ସଞ୍ଜୟ କୁମାର ଦାସଙ୍କ ସଂଯୋଜନା କରିଥିଲେ। ଜିଲା ପରିଷଦ ସଭ୍ୟ ପ୍ରଦୀପ ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରକୁ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜଗନ୍ନାଥ ସ୍ୱାଇଁ, ଜିଲା ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରିଣୀ ଅନିତାରାଣୀ ରାଉତ, ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ଧାମନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ, ବିନୋଦ ନାୟକ, ସାରଦା ପ୍ରସନ୍ନ ସାହୁ, ପ୍ରତାପ ସାମଲ, ଏମ୍‌ପି ପ୍ରତିନିଧି ହରେକୃଷ୍ଣ ପାଢ଼ୀ, ତିହିଡ଼ି ପଞ୍ଚାୟତ ସମିତି ଅଧ୍ୟକ୍ଷା ଅବନ୍ତୀ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସବା ଶିବିର କରି ଲୋକଙ୍କୁ ମାଗଣାରେ ଚିକିତ୍ସା ସହ ଔଷଧ ଯୋଗାଇଦେବା ଡା. ଦାସଙ୍କ ଏକ ବଡ଼ ପ୍ରୟାସ କହି ଅତିଥିମାନେ ପ୍ରଶଂସା କରିଥିଲେ। ୧୬ଟି ବିଭାଗର ଡାକ୍ତର ଭୁବନେଶ୍ୱର ଓ କଟକରୁ ଆସି ରୋଗୀମାନଙ୍କୁ ଚିକିତ୍ସା କରିବା ସହ ଔଷଧ ବିତରଣ କରାଯାଇଥିଲା। ପ୍ରାୟ ୫ ହଜାରରୁ ଅଧିକ ରୋଗୀଙ୍କୁ ଚିକିତ୍ସା କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।



ଶିବିରରେ ନାମ ପଞ୍ଜୀକରଣ ପାଇଁ ରୋଗୀଙ୍କ ଭିଡ଼।

## ମଣିପୁର ଘଟଣା ନେଇ ଜିଲା ମହିଳା କଂଗ୍ରେସ ପକ୍ଷରୁ ପ୍ରତିବାଦ

ବାଲେଶ୍ୱର, ୩୦।୭(ମାନସ ବିଶ୍ୱାଳ)

ମଣିପୁରରେ ଅମାନବୀୟ ମହିଳା ନିର୍ଯାତନା ଘଟଣା ନେଇ ବାଲେଶ୍ୱର ଜିଲା ମହିଳା କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯାଇଛି। ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଜ୍ଞା ପାରମିତା ମହାନ୍ତିଙ୍କ ନେତୃତ୍ୱରେ କର୍ମୀମାନେ ଏକଜୁଟ୍ ହୋଇ ଫକୀରମୋହନ ଗୋଲେଇଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତ୍ତଳିକା ଦାହ କରିଥିଲେ। କାର୍ଯ୍ୟକ୍ରମରେ ଅଣସଙ୍ଗଠିତ ଶ୍ରମିକ କଂଗ୍ରେସର ରାଜ୍ୟ ଉପସଭାପତି ଜ୍ୟୋତ୍ସ୍ନା ସେନାପତି, ଜିଲା ଅଣସଙ୍ଗଠିତ ଶ୍ରମିକ କଂଗ୍ରେସ ସଭାପତି ବିକାଶ ଦାସ, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ପ୍ରତିମା ପଣ୍ଡା, ବାସନ୍ତୀ ସାମଲ, ଅନ୍ନପୂର୍ଣ୍ଣା ସ୍ୱାଇଁ, କୁମୁଦିନୀ ଦାସ, ଅପର୍ଣ୍ଣା କର, ପ୍ରେମଲତା ମହାନ୍ତି, ଗାୟତ୍ରୀ ଦତ, ସନ୍ଧ୍ୟା ନାଥ, କବିତା ଦାସ, ସଂଯୁକ୍ତା ବେହେରା ଓ ସୁଭଦ୍ରା ପାତ୍ର ପ୍ରମୁଖ ଅଂଶଗ୍ରହଣ କରି କେନ୍ଦ୍ରର ମୋଦି ସରକାରଙ୍କ ବିରୋଧରେ ନାରାବାଜି ସହ ସ୍ଲୋଗାନ ଦେଇଥିଲେ।

# ଗୋରୁଙ୍କ କବ୍‌ଜାରେ ମୁଖ୍ୟ ରାସ୍ତା

### ଦୁର୍ଘଟଣାର କାରଣ ସାଜିଛି

କେନ୍ଦୁଝର,୩୦।୭(ଦୀପକ ମିଶ୍ର)

କେନ୍ଦୁଝର ଜାତୀୟ ରାଜପଥ ୪୯, ୨୦ ଓ କେନ୍ଦୁଝର ସହରର ଜନାକୀର୍ଣ୍ଣ ସ୍ଥାନଗୁଡ଼ିକ ଗୋରୁଙ୍କ କବ୍‌ଜାରେ ରହୁଛି। ଗୋରୁ ଦିନରାତି ରାସ୍ତାରେ ଶୋଇ ରହୁଥିବାରୁ ଯାତାୟାତରେ ସମସ୍ୟା ଦେଖାଦେବା ସହ ଟ୍ରାଫିକ୍ ସମସ୍ୟା ଗୁରୁତର ଭାବେ ମୁଣ୍ଡ ଟେକିଛି। ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଗୋରୁ ମାଲିକମାନେ ଘରେ ଗୁହାଳକରି ରଖିବା ପରିବର୍ତ୍ତେ ରାସ୍ତାକୁ ଛାଡ଼ି ଦେଉଥିବା ବେଳେ ଏଥିପ୍ରତି ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ।

କେନ୍ଦୁଝର ସହର ଟେଲିଫୋନ୍ ଏକ୍ସଚେଞ୍ଜ ଛକଠାରୁ ମେଡିକାଲ ପର୍ଯ୍ୟନ୍ତ ରାସ୍ତା ଉପରେ ପ୍ରତିଦିନ ବହୁ ସଂଖ୍ୟାରେ ଗୋରୁ ଠିଆହୋଇ ରହିବା ଫଳରେ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଥିବା କାହାକୁ ଅଛପା ନୁହେଁ। ରାସ୍ତାକଡ଼ରେ ଟେଲିଫୋନ୍ ଭବନ, ମ୍ୟୁନିସିପାଲିଟି ମାର୍କେଟ, କାଳୀପଡ଼ିଆ, ଖେଳପଡ଼ିଆ, ଡିଏନ୍ ହାଇସ୍କୁଲ, ସରସ୍ୱତୀ ଶିଶୁ



ବିଦ୍ୟାମନ୍ଦିର, ମେଡିକାଲ ତଥା ଅନେକ ଛୋଟ ବଡ଼ ଔଷଧ ଦୋକାନ ଏବଂ ପାଥୋ କ୍ଲିନିକଗୁଡ଼ିକ ରହିଥିବାବେଳେ ରାସ୍ତା ଉପରେ ଗୋରୁ ଛିଡ଼ାହୋଇ ରହୁଥିବା ଯୋଗୁ ଜନସାଧାରଣଙ୍କ ନିମନ୍ତେ ଯାତାୟାତ କରିବା ବିପଦପୂର୍ଣ୍ଣ ହୋଇପଡ଼ିଛି। ବିଶେଷକରି କାଳୀପଡ଼ିଆ, ନଗର ଭବନ, ଷ୍ଟାଡ଼ିୟମ ସମ୍ମୁଖରେ ନିୟମିତ ଗୋରୁ ଶୋଇ ରହୁଥିବା ଫଳରେ ଭିଆଇପି ଏରିଆ ଏବଂ ମେଡିକାଲ ଯିବା ରାସ୍ତାକୁ ଜନସାଧାରଣ ଯାଆସ କରିବାକୁ ନିରାପଦ ମଣୁନାହାନ୍ତି। ସକାଳୁ ମର୍ନିଂ ୱାର୍କରେ ଯାଉଥିବା ଲୋକମାନେ ଓ ସନ୍ଧ୍ୟାବେଳେ ଫେରୁଥିବା କର୍ମଚାରୀ ଏବଂ ବିଦ୍ୟାର୍ଥୀମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହାକୁ ପୌର ପ୍ରଶାସନ ଗୁରୁତ୍ୱ ଦେଉ ନ ଥିବାରୁ ଅସନ୍ତୋଷ ବୃଦ୍ଧିପାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩୧ ଜୁଲାଇ, ୨୦୨୩



## ଝରକା ତାଡ଼ି ଚୋରି

**ପାଟଣା,(ବୀର କିଶୋର ଦାଶ):** କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ସ୍ୱାମ ଶାସନର କୈଳାଶ ଚନ୍ଦ୍ର ଦାଶଙ୍କ ରାସ୍ତା ପାର୍ଶ୍ୱରେ ଥିବା ଘରୁ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ଝରକା ତାଡ଼ି ଚୋରି କରିଛନ୍ତି। ଘରେ ପଶି ଗଦରେଜ ଭିତରୁ ୨୦ ହଜାର ଟଙ୍କା ନେଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଅନୁରୂପ ଦୁର୍ବୃତ୍ତ କୈଳାଶଙ୍କ ଘରଠାରୁ ୨ ଶହ ମିଟର ଦୂର ଅଲେଖ ଚନ୍ଦ୍ର ତ୍ରିପାଠୀଙ୍କ ଝରକା ତାଡ଼ି ଥିବା ବେଳେ ଚୋରି କରିବାରେ ବିଫଳ ହୋଇଛନ୍ତି। ପାଟଣା ଥାନା ଏଏସ୍ଆଇ ଏନ ଲୁଗୁନ ଓ ସାହାରପଡ଼ା ଫାଣ୍ଡି ଅଧିକାରୀ ଶିବଶଙ୍କର ଆଲଦା ପହଞ୍ଚି ତଦନ୍ତ କରୁଛନ୍ତି।

**ସଂକ୍ଷେପରେ**

## ବିଜ୍ଞାନ ମେଳାରେ ଶତାଧିକ ପ୍ରକଳ୍ପ ପ୍ରଦର୍ଶିତ

**ଚାନ୍ଦବାଲି,(କିଶାନ ପାତ୍ର):** ଚାନ୍ଦବାଲି ଏନ୍ଏସି ଅଧୀନ ପାଞ୍ଚପଡ଼ା ସୋଫିଆ ଇଂଲିଶ ମିଡିୟମ ସ୍କୁଲରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଶତାଧିକ ପ୍ରକଳ୍ପ ମେଳାରେ ପ୍ରଦର୍ଶିତ ହୋଇଥିଲା। ସ୍କୁଲ ପରିଚାଳକ ରଞ୍ଜନ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଚାନ୍ଦବାଲି କଲେଜର ପୂର୍ବତନ ଅଧ୍ୟକ୍ଷ ନିମାଇଁ ପଟ୍ଟନାୟକ ଏବଂ ଅନ୍ୟତମ ଅତିଥି ଭାବେ ପ୍ରାଧ୍ୟାପକ ତରଣୀସେନ ପଣ୍ଡା, ବିଦ୍ୟାଳୟର ଅଧ୍ୟକ୍ଷ ବିରଞ୍ଚି କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟସ୍ତରୀୟ ଅଲିମ୍ପିଆଡ୍ ପରୀକ୍ଷାରେ ସଫଳତା ପାଇଥିବା ଛାତ୍ରୀଛାତ୍ରୀଙ୍କୁ ସ୍କୁଲ ପକ୍ଷରୁ ମେଡାଲ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ଉଲ୍ଲେଖନୀୟ ଶିକ୍ଷାଦାନ ପାଇଁ ୨ଜଣ ଶିକ୍ଷୟିତ୍ରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

## ଜଗନ୍ନାଥ ମନ୍ଦିରରେ ବାର୍ଷିକ ଯଜ୍ଞ

**ଗୋପବନ୍ଧୁ ନଗର, ୩୦।୭ (ଶାନ୍ତନୁ କୁମାର ମଣ୍ଡୁଆଳ):** ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅଧୀନ ଆରପଟା ପଞ୍ଚାୟତସ୍ଥିତ ଖିରିପଦା ହରିବଳଦେବ ଜୀଉଙ୍କ ମନ୍ଦିରରେ ରବିବାର ଠାକୁରଙ୍କ ରତ୍ନସିଂହାସନ ପ୍ରତିଷ୍ଠା ସହ ବାର୍ଷିକ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଠାକୁରଙ୍କୁ ସ୍ନାନ ପରେ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ମନ୍ଦିର ପୂଜକ ପ୍ରମୋଦ କୁମାର ମିଶ୍ର ଓ ପ୍ରବୀର କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଠାକୁରଙ୍କ ସିଂହାସନ ପ୍ରତିଷ୍ଠା ପରେ ତିନିଠାକୁର ବଳଭଦ୍ର, ଜଗନ୍ନାଥ ଓ ଭଉଣୀ ସୁଭଦ୍ରାଙ୍କୁ ସିଂହାସନରେ ବିରାଜମାନ କରାଯାଇଥିଲା। ପରେ ପଣ୍ଡିତ କମଳାକାନ୍ତ ତ୍ରିପାଠୀ ଶର୍ମାଙ୍କ ଦ୍ୱାରା ହୋମଯଜ୍ଞ ଓ ଚଣ୍ଡୀପାଠ ସମ୍ପନ୍ନ ହୋଇଥିଲା। ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାରୁ ୧୨ ଜଣ ଅଭିଜ୍ଞ ବ୍ରାହ୍ମଣ ଯୋଗଦେଇ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ଠାକୁରଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା।

## ସମବାୟ ସମିତି କାର୍ଯ୍ୟ ତଦାରଖ କଲେ ଅଧିକାରୀ

**ଭଣ୍ଡାରିପୋଖରୀ, ୩୦।୭ (ରବିନାରାୟଣ ଖିଲାର):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ସମବାୟ ସମିତିରେ ଚାଷୀମାନଙ୍କ ଅସନ୍ତୋଷକୁ ନେଇ ଜିଲା ଅଧିକାରୀ ତଦାରଖ କରିଛନ୍ତି। ବୋର୍ଡ ସହ ସମ୍ପାଦକଙ୍କ ତାଳମେଳ ରହୁ ନ ଥିବାରୁ ସମ୍ପ୍ରତି ଧାନ ପଞ୍ଜୀକରଣ ଓ ପ୍ରଧାନମନ୍ତ୍ରୀ ଫସଲବୀମା କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁ ନାହିଁ। ଏଆରସିଏସ୍ ପ୍ରାତୀତା ଜେନା ଓ ଏସ୍ଆରସିଏସ୍ ବସନ୍ତ ରଣା ବ୍ଲକର ସରସଦା, ରହଣିଆ, ମାଳଦା, ବାଲିପୋଖରୀ ପ୍ରମୁଖ ସମବାୟ ସମିତି ପରିଦର୍ଶନ କରିଛନ୍ତି। ପଞ୍ଜୀକରଣ ଏବଂ ଫସଲ ବୀମା କାର୍ଯ୍ୟ ଯଥାଶୀଘ୍ର ସାରିବାକୁ ସମ୍ପାଦକମାନଙ୍କ ସହ ବିଭିନ୍ନ ଆଲୋଚନା କରିଥିଲେ। ସମିତି କର୍ମଚାରୀମାନଙ୍କୁ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଅଧିକାରୀମାନେ ନିର୍ଦ୍ଦେଶ ଦେଇଛନ୍ତି।

# ଅନ୍‌ଲାଇନ୍ ଖଜଣା ଆଦାୟରେ ସମସ୍ୟା

**କଟକ,୩୦।୭ (କାର୍ତ୍ତିକ ସାହୁ)**

ଜମି ଖଜଣା ଦେବାକୁ ନେଇ ଅଡୁଆରେ ପଡୁଛନ୍ତି ଯୁଗ୍ମଖାତାଧାରୀ। ଅନ୍‌ଲାଇନ୍ ଖଜଣା ଦେୟ ବ୍ୟବସ୍ଥାକୁ ନେଇ ଉପୁଜିଛି ସମସ୍ୟା। ଯୁଗ୍ମଖାତାର ଅଂଶୀଦାରମାନେ ନିଜ ଭାଗ ଜମିର ଖଜଣା ଦେଇପାରୁନାହାନ୍ତି। ପୂର୍ବରୁ ଗୋଟିଏ ଖାତାରେ ଅଂଶୀଦାର ଭାବେ ରହିଥିବା ଲୋକମାନେ ରାଜସ୍ୱ ନିରୀକ୍ଷକ(ଆର୍ଆଇ)ଙ୍କୁ ଖଜଣା ଦେଇ ରସିଦ୍ କାଟୁଥିଲେ। ହେଲେ ଏବେ ମାନୁଆଲ ରସିଦ କଟା ବନ୍ଦ ହୋଇଯାଇଥିବାରୁ ଅସୁବିଧା ଦେଖାଦେଇଛି। ଏହାଦ୍ୱାରା ମଧ୍ୟ ରାଜ୍ୟ ସରକାରଙ୍କର ବିପୁଳ ପରିମାଣର ରାଜସ୍ୱ ହାନି ହେଉଛି। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କଲାଇ ଗ୍ରାମର ବାସିନ୍ଦା ତଥା ହାଇକୋର୍ଟର ଆଇନ୍‌ଜୀବୀ ଅମ୍ବୁଜ ବନ୍ଧୁ ପରିଡ଼ା ଏନେଇ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ଏଥିସହ ଖଜଣା ଆଦାୟ ପାଇଁ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ ବ୍ୟବସ୍ଥା କରିବାକୁ ଆବେଦନ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଭଦ୍ରକ ତହସିଲର କଲାଇ ମୌଜା ଅନ୍ତର୍ଗତ ୩୮ ନମ୍ବର ଖାତାର ଜମି ଶ୍ରୀ କପିଳେଶ୍ୱର ମହାଦେବ ବିଜେଙ୍କ ନାମରେ ରହିଥିବାବେଳେ ସେଥିରେ ଏକାଧିକ ଟ୍ରଷ୍ଟି ମାର୍ଫତଦାର ଭାବେ ରହିଛନ୍ତି। ଉକ୍ତ ୩୮ ନମ୍ବର ଖାତାର ମନ୍ତବ୍ୟ ସ୍ତମ୍ଭରେ ପ୍ଲଟ୍ ନଂ. ୪୨୬, ଜମି ପରିମାଣ ଏ.୦.୪୩ ଡିସିମିଲ ସ୍ୱର୍ଗତ ସାଧୁ ଚରଣ ପରିଡ଼ାଙ୍କ ପୁତ୍ର ଉଦୟନାଥ ପରିଡ଼ା, ରମାନାଥ ପରିଡ଼ା ଓ ଗଣନାଥ ପରିଡ଼ାଙ୍କ ଦଖଲରେ ରହିଛି। ସେହିପରି ସମାନ ଖାତାର ପ୍ଲଟ୍ ନଂ. ୪୨୭, ଜମି ପରିମାଣ ଏ୦.୩୩ ଡିସିମିଲ ଆବେଦନକାରୀଙ୍କ ପୂର୍ବଜ ନିତ୍ୟାନନ୍ଦ ପରିଡ଼ାଙ୍କ ଦଖଲରେ, ପ୍ଲଟ୍ ନଂ. ୪୨୮, ଜମି ପରିମାଣ ଏ୦.୩୪ ଡିସିମିଲ ନାରାୟଣ ପରିଡ଼ା, ଲକ୍ଷ୍ମୀକାନ୍ତ

**ଯୁଗ୍ମଖାତାଧାରୀ ଦେଇପାରୁନାହାନ୍ତି ଖଜଣା**

ପରିଡ଼ା, ସୀତା ପରିଡ଼ା, ନଟବର ପରିଡ଼ା ଓ ବିଶ୍ୱନାଥ ପରିଡ଼ାଙ୍କ ଦଖଲରେ ଏବଂ ପ୍ଲଟ୍ ନଂ. ୪୨୯, ଜମି ପରିମାଣ ଏ୦.୩୧ ଓ ପ୍ଲଟ୍ ନଂ.୪୩୧, ଜମି ପରିମାଣ ଏ୦.୪୧ ଡିସିମିଲ ମାଳତୀ ପରିଡ଼ା, ନରେନ୍ଦ୍ର ପରିଡ଼ା ଓ ବିନୋଦ ପରିଡ଼ାଙ୍କ ଦଖଲରେ ରହିଛି। ଏ ସମସ୍ତ ଜମିର ଖାତା ନମ୍ବର ଗୋଟିଏ ହୋଇଥିବାବେଳେ ବିଭିନ୍ନ ବ୍ୟକ୍ତିଙ୍କ ଦ୍ୱାରା ଭିନ୍ନ ଭିନ୍ନ ପ୍ଲଟ୍ ଭୋଗଦଖଲ ହେଉଛି। ହେଲେ ବର୍ତ୍ତମାନ ଅନ୍‌ଲାଇନ ଖଜଣା ଆଦାୟ ବ୍ୟବସ୍ଥାରେ ଜଣେ ବ୍ୟକ୍ତିଙ୍କଠାରୁ ପୂରା ଖାତାର ଖଜଣା ଆଦାୟ କରାଯାଉଛି। ଯାହାକି ସମ୍ପୃକ୍ତ ବ୍ୟକ୍ତି ପୂରା ଖାତାରେ ଥିବା ସମସ୍ତ ପ୍ଲଟ୍‌ର ଭୋଗଦଖଲକାରୀ ନୁହନ୍ତି। ଅନ୍‌ଲାଇନ୍ ବ୍ୟବସ୍ଥା ପ୍ରଚଳନ ହେବା ପୂର୍ବରୁ ଉପରୋକ୍ତ ଭୋଗଦଖଲକାରୀମାନେ ପୃଥକ ଭାବେ ଖଜଣା ପଇଠ କରି ରସିଦ୍ କାଟୁଥିଲେ। ହେଲେ ଏବେ ତାହା ସମ୍ଭବ ହେଉନାହିଁ। ସେହି ଖାତା ଅନ୍ତର୍ଗତ କୌଣସି ନିର୍ଦ୍ଦିଷ୍ଟ ପ୍ଲଟ୍‌ର ଭୋଗଦଖଲକାରୀ ନିଜ ଖଜଣା ପୃଥକ ଭାବେ ଦେବାକୁ ଚାହିଁଲେ ଦେଇପାରୁନାହାନ୍ତି। ଆଂଶିକ ଖଜଣା ଦେବା ନିମନ୍ତେ ଅନ୍‌ଲାଇନ୍‌ରେ କୌଣସି ବ୍ୟବସ୍ଥା ନାହିଁ। ପୁରା ଖାତାର ଖଜଣା ଦେବାକୁ ପଡୁଥିବାରୁ ପ୍ରତ୍ୟେକ ଅଂଶୀଦାର ଭୋଗଦଖଲକାରୀ ଏଥିପାଇଁ ଅମଙ୍ଗ ହେଉଛନ୍ତି। ଆଂଶିକ ଦେୟ ଦାଖଲ ନିମନ୍ତେ ସାତଭଉଣୀ ଆର୍ଆଇ ଓ ଭଦ୍ରକ ତହସିଲଦାରଙ୍କୁ ଆବେଦନକାରୀ ଅନୁରୋଧ କରିଥିଲେ ମଧ୍ୟ ସେ ଏ ଦିଗରେ ନିଜର ଅକ୍ଷମତା ପ୍ରକାଶ କରିଛନ୍ତି। ଏଭଳି ତ୍ରୁଟିଯୁକ୍ତ ବ୍ୟବସ୍ଥା ଦ୍ୱାରା ଖଜଣା ଆଦାୟ ହୋଇ ନ ପାରି ରାଜ୍ୟ ସରକାରଙ୍କର ବହୁ ପରିମାଣର ରାଜସ୍ୱ ହାନି ହେଉଛି। ତେଣୁ ସରକାର ଏ ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଆବେଦନକାରୀ ଦାବି କରିଛନ୍ତି।

## ୨୮୬ ନିର୍ମାଣ ଶ୍ରମିକଙ୍କୁ ମିଳିଲା ସହାୟତା ରାଶି


ନିର୍ମାଣ ଶ୍ରମିକଙ୍କୁ ବିଧାୟକ ପର୍ଶୁରାମ ଧଡ଼ା ସହାୟତା ରାଶି ବଣ୍ଟନ କରୁଛନ୍ତି।

**ବାହାନଗା, ୩୦।୭(ଅରୂପ କୁମାର ଦାସ)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ୧୬ ନମ୍ବର ଜାତୀୟ ରାଜପଥ କଡରେ ଥିବା ଭେନସ ଇଞ୍ଜିନିୟରିଂ କଲେଜ ସଭାଗୃହରେ ସରକାରୀ ସ୍ତରର ନିର୍ମାଣ ଶ୍ରମିକ ସହାୟତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୨୮୬ ପଞ୍ଜୀକୃତ ଶ୍ରମିକଙ୍କୁ ୬୩ଲକ୍ଷ ୮୧ହଜାର ୬ଶହ ଟଙ୍କା ପ୍ରଦାନ କରାଯାଇଛି। ଶିବିରରେ ୬ଶହରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଶ୍ରମିକ ଯୋଗ ଦେଇଥିଲେ। ଏଥିନିମନ୍ତେ ଏକ ସାଧାରଣ ସଭା ଓ ସହାୟତା ରାଶି ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତିତ୍ୱ କରିଥିଲେ ଜିଲା ଶ୍ରମ ଅଧିକାରୀ ଦୀପ୍ତିରଞ୍ଜନ ସାହୁ। ମୁଖ୍ୟଅତିଥି ଭାବେ ସୋର ବିଧାୟକ ପର୍ଶୁରାମ ଧଡା, ମୁଖ୍ୟବକ୍ତା ଭାବେ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲା ଶ୍ରମ ଆୟୁକ୍ତ ଅଜୟ କୁମାର ପ୍ରଧାନ, ଏଆଇଟିୟୁସିର ଉପସଭାପତି ଗୌରାଙ୍ଗ ପାଣିଗ୍ରାହୀ, ପୂର୍ବତନ ଜିଲାପରିଷଦ ସଭ୍ୟ ଗିରିଶ ଚନ୍ଦ୍ର ଦାଶ, ଭେନସ ଇଞ୍ଜିନିୟରିଂ କଲେଜ ଅଧ୍ୟକ୍ଷ ଡଃ ଅଲେଖ କୁମାର ଘଡେଇ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ମୁଖ୍ୟଅତିଥି ୪ଜଣ ନିର୍ମାଣ ଶ୍ରମିକଙ୍କ ପରିବାରର ମହିଳାମାନଙ୍କୁ ପ୍ରସୂତିକାଳୀନ ବାବଦରେ ୧ଲକ୍ଷ ଟଙ୍କା ଲେଖାଏଁ ୪ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ। ନିର୍ମାଣ ଶ୍ରମିକଙ୍କ ପରିବାର ପିଲାମାନେ ଉଚ୍ଚଶିକ୍ଷା ନିମନ୍ତେ ବ୍ଲକର ୨୦୧ଜଣଙ୍କୁ ୧୫ ଲକ୍ଷ ୩୬ ହଜାର ୬ଶହ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଝିଅ ବିବାହ ନିମନ୍ତେ ୬୮ ଟି ପରିବାରକୁ ୩୩ ଲକ୍ଷ ୭୫ ହଜାର ଟଙ୍କାର ସହାୟତା ରାଶି ମୁଖ୍ୟଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ୭ଜଣ ପରିବାରକୁ ମୃତ୍ୟୁକାଳୀନ ସହାୟତା ବାବଦକୁ ୧୪ଲକ୍ଷ ଟଙ୍କା ଚେକ୍ ଦିଆଯାଇଥିଲା। ସେହିପରି ଅନ୍ତ୍ୟେଷ୍ଟିକ୍ରିୟା ନିମନ୍ତେ ୩୦ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ବହୁ ନିର୍ମାଣ ଶ୍ରମିକ ଭାବେ ନୂତନ ଭାବେ ପଞ୍ଜିକୃତ ହୋଇଥିବା ଶ୍ରମିକମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

# କାର୍ଯ୍ୟକ୍ଷେତ୍ରରେ ଉପୁଜୁଥିବା ଅସୁବିଧା ସମାଧାନ ଦାବି


ମିଟର ରିଡର୍ କର୍ମଚାରୀମାନେ।

**ବାରିପଦା,୩୦।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

**ଟାଟା ପାୱାର ମିଟର ରିଡର୍ କର୍ମଚାରୀଙ୍କ ସମାବେଶ**

ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିୟନ ତରଫରୁ ମିଟର ରିଡର୍‌ମାନଙ୍କ ଏକ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ବାରିପଦାସ୍ଥିତ ରଘୁନାଥପୁରରେ ଅନୁଷ୍ଠିତ ସମାବେଶରେ ବାରିପଦା ଡିଭିଜନ ଅଧୀନରେ କାର୍ଯ୍ୟରତ ସମସ୍ତ ମିଟର ରିଡର୍ ଯୋଗଦେଇଥିଲେ। ସମାବେଶରେ ମୁଖ୍ୟ ଅତିଥିଭାବେ ସଂଘର ଜିଲା ସଭାପତି ସୁବ୍ରମଣ୍ୟମ ମହାନ୍ତି, ମୁଖ୍ୟବକ୍ତା ଭାବେ ସଂଘର ଉପ ସାଧାରଣ ସମ୍ପାଦକ ଜ୍ୟୋତିକୃଷ୍ଣ ବେହେରା, ସମ୍ମାନିତ ଅତିଥି ଭାବେ ଗୋପାଳ ଏଣ୍ଟରପ୍ରାଇଜେସର ମ୍ୟାନେଜର ନବୀନ ଠାକ୍‌ରେ, ଡିଭିଜନ ସଂଯୋଜକ ଅଟଳ ଦାସ, ବାରିପଦା ଡିଭିଜନ ମୁଖ୍ୟ (ମିଟର ରିଡର) ରାକେଶ ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମାବେଶରେ ମିଟର ରିଡର୍‌ମାନେ କାର୍ଯ୍ୟ ସମୟରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ବାବଦରେ ଉପସ୍ଥାପନ କରିବା ସହ ସମାଧାନ ନେଇ ଦାବି ଜଣାଇଥିଲେ। ଉପସ୍ଥିତ ଅତିଥିମାନେ ମିଟର ରିଡ଼ର ଓ ଗ୍ରାହକମାନଙ୍କର ସମସ୍ୟା କିପରି ଆହୁରି ସହଜ ହେବ ସେ ବାବଦରେ ସଂଘ ପକ୍ଷରୁ ଟାଟା ପାୱାରର ମୁଖ୍ୟ ଅଧିକାରୀଙ୍କ ସହିତ ଆଲୋଚନା କରି ସମାଧାନ କରିବା ନେଇ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ସମାବେଶରେ ବାରିପଦା ଡିଭିଜନ ଅଧୀନରେ ଥିବା ସମସ୍ତ ମିଟର ରିଡର୍‌ମାନେ ଉପସ୍ଥିତ ଥିଲେ। ସଞ୍ଜୀବ ସୋରେନ, ମାନସ ମହାନ୍ତ, ଜୟକୃଷ୍ଣ ପତି, ରାଜକିଶୋର ପାଲ, ସୁଧାଂଶୁ ମଣ୍ଡଳ, ପ୍ରଦୀପ ଖିଲାର, ଗୋଜେନ୍ଦ୍ର ଗଛାୟତ, ରାଜୁ ମହାନ୍ତ, ପ୍ରଣବ ଦାସ, ଦୀପକ ଦାସ, ଦନାର୍ଦନ ବେହେରା, ଅମିତ କର ପ୍ରମୁଖ ପରିଚାଳନା କରିଥିଲେ।

## ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ

**ବସ୍ତା, ୩୦।୭(ହରିଶଙ୍କର ପାଢ଼ୀ)**

ବାଲେଶ୍ୱର ଜିଲା ବସ୍ତା ଅଞ୍ଚଳର ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟି ପକ୍ଷରୁ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ଓ ପଥପ୍ରାନ୍ତ ସଭା ଆୟୋଜନ ହୋଇଯାଇଛି। ଏହି ଅବସରରେ ଏକ ପରିବେଶ ସଚେତନତା ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଦସ୍ୟମାନେ ମଥାନୀ ଛକଠାରୁ ବସ୍ତା ଡାକବଙ୍ଗଳା ପର୍ଯ୍ୟନ୍ତ ଏକ ଜନସଚେତନତା ଶୋଭାଯାତ୍ରାରେ ବାହାରି ଏକ ପଥପ୍ରାନ୍ତ ସଭାରେ ସଚେତନତା ବାର୍ତ୍ତା ଦେଇଥିଲେ। ଅନୁଷ୍ଠାନ ସଭାପତି ପ୍ରକୃତି ବନ୍ଧୁ ତଥା ସାମାଜିକ କର୍ମୀ ସୁମନ୍ତ କୁମାର ଜେନା ଯୋଗ ଦେଇ ବିଶ୍ୱର ସଂରକ୍ଷଣ ପାଇଁ ବ୍ୟାପକ ଚାରାରୋପଣ କରିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ସାହୁ ଓ ବିଶ୍ୱଜିତ୍ ମୁଦୁଲିଙ୍କ ତତ୍ତ୍ୱାବଧାନରେ ରାସ୍ତା ପାର୍ଶ୍ୱରେ ୩୦ଟି ବିଭିନ୍ନ ପ୍ରଜାତିର ଚାରା ଲଗାଯାଇଥିଲା। ଚାରାର ସୁରକ୍ଷା ପାଇଁ ବାଡ ମଧ୍ୟ ଘେରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଲୋକ ସ୍ୱାଇଁ, ମନ୍ମଥ ଦାସ, ଚଇତା ବେହେରା, ଅଚିନ୍ତ ବେହେରା, ପର୍ଶୁରାମ ପରିଡା, ଜୟନ୍ତ ସାମନ୍ତ, ପୁରୁଷୋତ୍ତମ ଦଣ୍ଡପାଟ, ଅଶୋକ ନାୟକ, ରୋନା, ଦେବାଶିଷ ଅଂଶ ଗ୍ରହଣ କରିଥିଲେ। ମାର୍କଣ୍ଡ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ବରିଷ୍ଠ ସାନ୍ତାଳୀ ଲେଖିକାଙ୍କୁ ଶ୍ରଦ୍ଧାଞ୍ଜଳି


ମାସା ଆର୍ମୀ ରାଜ୍ୟ ସଂଗଠନ କର୍ମକର୍ତ୍ତା।

**କୁଳିଅଣା,୩୦।୭(ଗୋପୀନାଥ ବେହେରା)**

ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ୍ ମାସା ଆର୍ମୀ ରାଜ୍ୟ ସାଧାରଣ ସମ୍ପାଦକ ଅର୍ଜୁନ ମୁର୍ମୁଙ୍କ ନେତୃତ୍ୱରେ ବରିଷ୍ଠ ସାନ୍ତାଳୀ ଲେଖିକା ସୁମିତ୍ରା ସୋରେନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୫ ମିନିଟ୍ ନିରବ ପ୍ରାର୍ଥନା କରାଯାଇଛି। ବରିଷ୍ଠ ସାନ୍ତାଳୀ ଲେଖିକା ସୁମିତ୍ରା ସୋରେନ ଗତ ବୁଧବାର ଚିକିତ୍ସାଧୀନ ଅବସ୍ଥାରେ କଟକର ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁମରଣ କରିଥିଲେ। ସୁମିତ୍ରା ସୋରେନ ଜଣେ ଗାଳ୍ପିକା ଓ କବି ଥିଲେ। ତାଙ୍କର ତିନି ଗୋଟି କ୍ଷୁଦ୍ରଗଳ୍ପ (କାପୁର୍ ମୁଲ୍ଲି, ମିଦ୍ ବିର୍ନା ଚେଣେ ସାୱ୍ ଇାଃ ସାଗାଇଁ ଓ ଗୁପିଗିଦ୍ରାହଃ କୁକୁମୁଁ ଏବଂ ଦୁଇଗୋଟି କବିତା କୟେଲ ଓ ରେଙ୍ଗେଜ୍ ହଳା ମେନ୍ନାଃ ) ପୁସ୍ତକ ପ୍ରକାଶିତ ପାଇଛି। ସାହିତ୍ୟ କୃତି ପାଇଁ ଓଡ଼ିଶା ଲେଖକ ସଂଘ ତରଫରୁ ୨୦୨୧ରେ ସେ ସମ୍ମାନିତ ହୋଇଥିଲେ। ଲେଖକ ସଂଘର ଜଣେ କାର୍ଯ୍ୟକାରୀ ସଦସ୍ୟା ଥିଲେ। ତାଙ୍କର ଅକାଳ ମୃତ୍ୟୁରେ ମାସା ଆର୍ମୀ ରାଜ୍ୟ ସାଧାରଣ ସମ୍ପାଦକ ଅର୍ଜୁନ୍ ମୁର୍ମୁଙ୍କ ସମେତ ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। କାର୍ଯ୍ୟକ୍ରମରେ ସଂଗଠନର ରାଜ୍ୟ ସାଧାରଣ ସମ୍ପାଦକ ଅର୍ଜୁନ ମୁର୍ମୁଙ୍କ ସମେତ ଦିଲ୍ଲୀପ ମାର୍ଣ୍ଡି, ରବିନ୍ଦ୍ର ମାର୍ଣ୍ଡି, ଶିବା ହେମ୍ବ୍ରମ, ମଙ୍ଗଳ ମାର୍ଣ୍ଡି, ଫାଗୁ ହେମ୍ବ୍ରମ, ଗଜେନ୍ଦ୍ର କିସ୍କୁ, ସୁନିଲ ଟୁଡୁ ପ୍ରମୁଖ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଡିଏଫ୍ଓ

**ଚମ୍ପୁଆ,୩୦।୭ (ମହେଶ୍ୱର ଦାସ)**

କେନ୍ଦୁଝର ଡିଏଫ୍ଓ ଏଚ୍‌ଡି ଧନରାଜ ଚମ୍ପୁଆରେ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ରେଞ୍ଜର ବିଭିନ୍ନ ସେକ୍ସନର ୧୪ଟି ସ୍ଥାନରେ ହୋଇଥିବା ଚାରାରୋପଣ, ଟାଟା ପାୱାରର କେବଲିଂ, ଇଣ୍ଟର ପୋଜିଂ ପୋଲ ଓ ସାଗିଂ, ଟ୍ରାନ୍ସଫରମର ସ୍ଥଳରେ ତାରବାଡ଼ ଘେରାଉ ଆଦି ଉପରେ ତଥ୍ୟ ମାଗିବା ସହ କାର୍ଯ୍ୟସ୍ଥଳ ପରିଦର୍ଶନ କରିଥିଲେ। ଜଙ୍ଗଲ ସମ୍ପଦର ସୁରକ୍ଷା ପୁନଃ ନିର୍ମାଣ କିମ୍ବା ସଂରକ୍ଷଣ ଏବଂ ପରିଚାଳନାକୁ ଗୁରୁତ୍ୱ ଦେଇଛନ୍ତି ଦେନ୍ଦୁଝର ବନଖଣ୍ଡ ଅଧିକାରୀ। ଏଥିସହ ବନ୍ୟପ୍ରାଣୀଙ୍କ ସୁରକ୍ଷା, ଯାତୟାର ରାସ୍ତା ଏବଂ ଖାଦ୍ୟପେୟ ପାଇଁ ବିଭାଗ ତତ୍ପର ଥିବା ପ୍ରକାଶ କରିଥିଲେ। ଆଧୁନିକ ଜ୍ଞାନକୌଶଳ ଉପଯୋଗ ମାଧ୍ୟମରେ ସେମାନଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖା ଯାଉଥିବା ସେ ସୂଚନା ଦେଇଥିଲେ। ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ସହ ସେମାନେ ଚଳପ୍ରଚଳ କରୁଥିବା ବିସ୍ତୀର୍ଣ୍ଣ ବନ ସମ୍ପଦରେ ଭରି ରହିଥିବା ଜୈବ ବିବିଧାତା ଉପରେ ମଧ୍ୟ ବିଭାଗ ଗୁରୁତ୍ୱ ଦେଇ ଆସିଛି। ବନ୍ୟପ୍ରାଣୀଙ୍କୁ ଶିକାର କରୁଥିବା ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ସେ ସ୍ପଷ୍ଟ କରିଥିଲେ। ଆଦିବାସୀମାନଙ୍କର ଜୀବନ ଜୀବିକାର ଏକ ବଳିଷ୍ଠ ମାଧ୍ୟମ ଜଙ୍ଗଲ। ସେମାନଙ୍କର ପରିଚୟ ହେଉଛି ଜଙ୍ଗଲ। ତେଣୁ ସେମାନଙ୍କର ଜଙ୍ଗଲ ସୁରକ୍ଷା ନେଇ ଅବଦାନକୁ ସେ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ସ୍ଥାନୀୟ ରେଞ୍ଜର ଅକ୍ଷୟ ଛତ୍ରିଆ, ବନପାଳ କାଳନ୍ଦୀ ସାମଲ, ସୁନିତା ହେମ୍ବ୍ରମ, ଶ୍ରାବଣୀ ମହାନ୍ତ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# କ୍ରୀତିକ୍ରିଷ୍ଟାଙ୍କୁ ଆଗକୁ ବଢ଼ିବାକୁ ପ୍ରେରଣା ଦେଲେ ରାଷ୍ଟ୍ରପତି

**ଧାମନଗର,୩୦।୭ (ସନ୍ତୋଷ କୁମାର ମହାପାତ୍ର)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ତିନିଦିନିଆ ଓଡ଼ିଶା ଗସ୍ତ ସମୟରେ ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ କଟସାହି ପଞ୍ଚାୟତ ବଉଳନାଳି ଶାସନର ଚିତ୍ରଶିଳ୍ପୀ କ୍ରୀତିକ୍ରିଷ୍ଟା ପଣ୍ଡା ଗତ ୨୭ ତାରିଖରେ ଭୁବନେଶ୍ୱରରେ ସାକ୍ଷାତ କରିଥିଲେ। ସେ ରାଜଭବନରେ ରାଷ୍ଟ୍ରପତିଙ୍କୁ ଭେଟି କଥା ହେବା ସହ ଆଙ୍କିଥିବା ୨ଟି ଚିତ୍ର ଓ ଉତ୍ତରୀୟ ତାଙ୍କୁ ପ୍ରଦାନ କରିଥିଲେ। ରାଷ୍ଟ୍ରପତି ତାଙ୍କ ଚିତ୍ରକଳାକୁ ପ୍ରଶଂସା କରିବା ସହ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ। କ୍ରୀତିକ୍ରିଷ୍ଟା ପୂର୍ବରୁ ରାଜ୍ୟପାଳଙ୍କୁ ମଧ୍ୟ ସାକ୍ଷାତ କରିବା ସହ ବିଭିନ୍ନ ସ୍ତରରେ ପୁରସ୍କୃତ ହୋଇଛନ୍ତି। ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଇଛନ୍ତି।

# ଟିଏସ୍ଏଫ ପକ୍ଷରୁ ଗାଡ଼ି ଚାଳନା ପ୍ରଶିକ୍ଷଣ

**ଯୋଡ଼ା,୩୦।୭(ମାନସ ମହାନ୍ତି)**




କେନ୍ଦୁଝର ଜିଲାର ଯୋଡ଼ା ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଯୁବବର୍ଗଙ୍କୁ ନିଯୁକ୍ତି ହାସଲ ଦକ୍ଷତା ଜରିଆରେ ନିରନ୍ତର ଜୀବନଜୀବିକା ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟ ନେଇ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସ୍ଏଫ) ପକ୍ଷରୁ ମୋଟର ଗାଡ଼ି ଚଳାନା ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଫାଉଣ୍ଡେସନ ପକ୍ଷରୁ ଦୀର୍ଘ ୧୨ ବର୍ଷ ଧରି ତାଲିମ ଦିଆଯାଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ଯୋଡ଼ା ବାମେବାରି, ଖଣ୍ଡବନ୍ଧ, ଜଳହରି, ବିଚାକୁଣ୍ଡି ଓ ଆଖପାଖ ଅଞ୍ଚଳର ୬୦୦ ଯୁବପିଢ଼ିଙ୍କୁ ତାଲିମ ପ୍ରଦାନ କରାଯାଇଛି। ସୋସାଇଟି ଫର ଗଭର୍ଣ୍ଣମେଣ୍ଟ ଅଫ ଓଡ଼ିଶା, ଅଶୋକ ଲେୟଲ୍ୟାଣ୍ଡ ଓ କଟକର ଚାରିବାଟିଆ ସ୍ଥିତ ଏଚଏଭି ଡ୍ରାଇଭର ତାଲିମ ପ୍ରତିଷ୍ଠାନର ସହଯୋଗିତାରେ ଏହି ତାଲିମ ପ୍ରଦାନ କରାଯାଉଛି। କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ଟିଏସଏଫ ପକ୍ଷରୁ ଯଥାକ୍ରମେ ୨୧ ଦିନିଆ ଓ ୩୧ ଦିନିଆ ଆବାସିକ କାର୍ଯ୍ୟକ୍ରମ ପ୍ରଦାନ କରାଯାଉଛି। ସକାରାତ୍ମକ ଗାଡ଼ି ଚାଳନା ପ୍ରଥା, ଟ୍ରାଫିକ ନୀତି ଓ ନିୟମ, ଉପଯୁକ୍ତ ବ୍ୟବହାର, ମୌଳିକ ରକ୍ଷଣାବେକ୍ଷଣ ଓ ଜରୁରିକାଳୀନ ସ୍ଥିତିର ପରିଚାଳନା ପଦ୍ଧତି ଆଦି ଉପରେ ଥିଓରି ଓ ପ୍ରାକ୍ଟିକାଲ କରାଯାଉଛି। ଅଞ୍ଚଳରେ ହାତଗଣତି କାର୍ଯ୍ୟକ୍ଷମ ଖଣି ରହିଥିବାରୁ ଦକ୍ଷତାର ସହ ହାଲୁକା ଓ ଭାରି ମୋଟର ଯାନ ଚଲାଇବା ଲାଗି ଆବଶ୍ୟକ ଦକ୍ଷତା ଥିବା ବ୍ୟକ୍ତିବିଶେଷଙ୍କ ସବୁବେଳେ ଆବଶ୍ୟକତା ରହୁଛି। ସମ୍ପ୍ରସାରିତ ଯୋଗାଣ ଶୃଙ୍ଖଳ ଲଜିଷ୍ଟିକ୍ସ ନେଟ୍‌ୱର୍କର ଚାହିଦା ପୂରଣ କରିବା ଲାଗି ଉଚ୍ଚମାନର ଚାଳକ ବିକାଶ କରିବାରେ ଏହି କାର୍ଯ୍ୟକ୍ରମ ସହାୟକ ହୋଇଛି। ଯେଉଁଥି ପାଇଁ ପରିବହନ ଏବଂ ଲଜିଷ୍ଟିକ୍ସ ଶିଳ୍ପରେ ଅର୍ଥପୂର୍ଣ୍ଣ ନିଯୁକ୍ତି ପାଇଛନ୍ତି। ସ୍ୱାବଲମ୍ବୀ ହେବାର ସଂକଳ୍ପକୁ ନେଇ ଯୋଡ଼ା ହୁଡି ସାହିର ଜୟନ୍ତୀମଣି ମହାନ୍ତି ଏବେ ଜେଏସ୍‌ଡବ୍ଲୁ ଖଣିରେ ଭାରି ମୋଟର ଯାନ ଚାଳକ ଭାବେ ନିଯୁକ୍ତ ହୋଇଛନ୍ତି। ସେ ମାସକୁ ୪୦,୦୦୦ ଟଙ୍କା ରୋଜଗାର କରୁଛନ୍ତି । ସେହିପରି ପ୍ରଶିକ୍ଷଣ ପାଇ ତ୍ରିବେଣୀ ଖଣିରେ ଯୋଡ଼ାର ରିନା ନନ୍ଦ ଏଚଏଭି ଚାଳକ ଭାବେ କାର୍ଯ୍ୟ କରୁଛନ୍ତି।

# 'ସ୍ୱାସ୍ଥ୍ୟସେବାରେ ଅବହେଳା ହେଲେ କାର୍ଯ୍ୟାନୁଷ୍ଠାନ'

**ଭୋଗରାଇ, ୩୦।୭(ପ୍ରଦୀପ ଦାସ)**

**ଉଚ୍ଚ ପଦାଧିକାରୀଙ୍କୁ ସୁପାରିସ କରିବ ରୋଗୀକଲ୍ୟାଣ ସମିତି**


ବୈଠକରେ ରୋଗୀ କଲ୍ୟାଣ ସମିତିର କର୍ମକର୍ତ୍ତା ଓ ଅନ୍ୟମାନେ।

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ୫୦ ପଞ୍ଚାୟତରେ ବସବାସ କରୁଥିବା ସାଢେ ୩ ଲକ୍ଷ ଲୋକ ସ୍ୱାସ୍ଥ୍ୟସେବା ପାଇଁ ଜଳେଶ୍ୱରପୁର, କମର୍ଦ୍ଦାରେ ୨ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୮ ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଡାକ୍ତର ଅଭାବ ସହିତ ଫାର୍ମାସିଷ୍ଟ ଓ ସ୍ୱାସ୍ଥ୍ୟ କର୍ମଚାରୀ ପଦବୀ ଖାଲି ପଡିଥିବାରୁ ଲୋକେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇପାରୁନାହାନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ବହୁସମୟ ଅପେକ୍ଷା କରିବାକୁ ପଡୁଛି। ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଦ୍ୟୁତ୍ ସେବା ବ୍ୟାହତ ହେଉଥିବା ବେଳେ ଥ୍ରୀଫେଜ ବିଦ୍ୟୁତ ସଂଯୋଗ, ଜେରକ୍ସ ମେଶିନ, ଇନଭର୍ଟର କିଣାଯିବା ନେଇ ରୋଗୀ କଲ୍ୟାଣ ସମିତି ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଶୁକ୍ରବାର ଆଲୋଚନା କରାଯାଇଛି। ଏଥିସହିତ ଆଇସିୟୁ, ବ୍ଲଡ଼ବ୍ୟାଙ୍କ କାର୍ଯ୍ୟକାରୀ କରିବାକୁ କଲ୍ୟାଣ ସମିତି ଜିଲା ଚିକିତ୍ସା ଅଧିକାରୀ ଓ ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କ ଦୃଷ୍ଟିଗୋଚର କରାଯିବ ବୋଲି କୁହାଯାଇଛି। ଖୁବ୍‌ଶୀଘ୍ର ଗର୍ଭବତୀଙ୍କ ନିମନ୍ତେ ଅଲଟ୍ରାସାଉଣ୍ଡ ମେଶିନ ଉପଲବ୍ଧ ହେବ ବୋଲି ଚିକିତ୍ସା ଅଧିକାରୀ ପ୍ରକାଶ କରିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ପାଇଁ କେଉଁ କେଉଁ ଲାବୋରେଟାରୀ ପରୀକ୍ଷା କରାଯିବ ତାହାର ସବିଶେଷ ବିବରଣୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଫାଟକ ଡିସପ୍ଲେ ବୋର୍ଡ଼ରେ ଲଗାଇବାର ପ୍ରସ୍ତାବ ଗୃହୀତ ହୋଇଛି। ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପଖଣ୍ଡ ହସ୍ପିଟାଲରେ ରୂପାନ୍ତରଣ କରିବାକୁ ଦାବି କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ନର୍ସ, ଏଏନଏମ୍ ଓ ସ୍ୱାସ୍ଥ୍ୟକର୍ମୀ ରୋଗୀସେବାରେ ଅବହେଳା କଲେ ରୋଗୀ କଲ୍ୟାଣ ସମିତି ପକ୍ଷରୁ ସମ୍ପୃକ୍ତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଉଚ୍ଚ ପଦାଧିକାରୀଙ୍କୁ ସୁପାରିଶ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ଅନନ୍ତ ଦାସ, ବ୍ଲକ ଚେୟାରମ୍ୟାନ ପ୍ରବୀର କୁମାର ଗିରି, ଚିକିତ୍ସା ଅଧିକାରୀ ଡା. କମଳାକାନ୍ତ ଜେନା, ଡା. ଉତ୍ତର ଦଣ୍ଡପାଟ, ଡା. ବିଶ୍ୱଜିତ ଜେନା, ରୋଗୀ କଲ୍ୟାଣ ସମିତି ସଦସ୍ୟ ରମାକାନ୍ତ କରଣ, ଭୁବନାନନ୍ଦ ଦାସ, ପ୍ରଦୀପ କୁମାର ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବାଇକ୍ ଚୋରଙ୍କୁ ପୋଲିସ ଜିମା

ସୋର,(ଜନ୍ମେଜୟ ମିଶ୍ର)-ସୋର ରେଳଷ୍ଟେଶନ ନିକଟରେ ଥିବା ଏକ ଷ୍ଟାଣ୍ଡରୁ ବାଇକ୍ ଚୋର ସନ୍ଦେହରେ ଜଣେ ଯୁବକଙ୍କୁ ଧରି ସ୍ଥାନୀୟ ଲୋକେ ସୋର ପୋଲିସ ଜିମା ଦେଇଛନ୍ତି। ସୋର ରେଳଷ୍ଟେଶନ ନିକଟରୁ ଗତ କିଛି ଦିନ ତଳେ ଜଣେ ଯୁବକ ବାଇକ ଚୋରି କରି ବାବା ମୋଟରସାଇକେଲ ଷ୍ଟାଣ୍ଡରେ ଟିକେଟ କାଟି ରଖିଥିଲେ। ଏନେଇ ସୋର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଷ୍ଟାଣ୍ଡରୁ ଉକ୍ତ ବାଇକକୁ ଜବତ କରିଥିଲା। ଚୋରି କରିଥିବା ଯୁବକ ଜଣଙ୍କ ଟିକେଟ ଧରି ବାଇକ ନେବାକୁ ଆସି ଷ୍ଟାଣ୍ଡକୁ ଆସିଥିବା ବେଳେ ଷ୍ଟାଣ୍ଡ ମାଲିକ ତାଙ୍କୁ ଚିହ୍ନିପାରି ସ୍ଥାନୀୟ ଲୋକ ଏବଂ ସୋର ପୋଲିସକୁ ସୂଚନା ଦେଇଥିଲେ।

## ସଂକ୍ଷେପରେ

### 'ଦିଗ୍‌ଦର୍ଶନ-୨୦୨୩' ଉନ୍ମୋଚିତ

ବାଲେଶ୍ୱର, ୩୦।୭(ମାନସ ବିଶ୍ୱାଳ)- ବାଲେଶ୍ୱର ସହର ଷ୍ଟେଶନ ଛକ ନିକଟରେ ଥିବା ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ 'ପ୍ରେସ-ଇମ୍ପ୍ରେସ ମିଡ଼ିଆ କ୍ଲବ'ର ମୁଖପତ୍ର 'ଦିଗଦର୍ଶନ-୨୦୨୩' ଉନ୍ମୋଚିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ବରିଷ୍ଠ ଖବରଦାତା ଅର୍ଜୁନ ମୁଦୁଲି ଓ ଶୁଭେନ୍ଦୁ ମୋହନ ଦାସ ଯୋଗ ଦେଇଥିଲେ। ଏହି ଅବସରରେ ଚଳନ୍ତା ଯାନରେ ଦୀର୍ଘ ସମୟ ଶୀର୍ଷାସନ କରି ବିଶ୍ୱ ରେକର୍ଡ ସୃଷ୍ଟି କରିଥିବା କର୍ନେଲ ଲକ୍ଷ୍ମୀଧର ଭୂୟାଁ, ସାମାଜିକ କର୍ମୀ ନରେନ୍ଦ୍ର ବିହାରୀ ଦାସ ଅତିଥି ଭାବେ ଯୋଗଦେଇ ମୁଖପତ୍ରକୁ ଉନ୍ମୋଚନ କରିଥିଲେ। କ୍ଲବ ସଭାପତି ବରିଷ୍ଠ ଖବରଦାତା ଉଜ୍ଜଳ ଚନ୍ଦ୍ର କର ସଭାପତିତ୍ୱ କରିଥିବା ବେଳେ ଉପସଭାପତି ସନ୍ଦୀପ୍ତ କୁମାର ଦାସ ସଂଯୋଜନା କରିଥିଲେ। ବରିଷ୍ଠ ଖବରଦାତା ବିପ୍ଳବ କୁମାର ମହାନ୍ତି, ଡ. ଜଗନ୍ନାଥ ଖଟୁଆ, ଅଜିତ କୁମାର ମହାନ୍ତି, ସୁଜାତାରାଣୀ ପଣ୍ଡା, ବିବେକାନନ୍ଦ ଦାସ, ମଧୁସୂଦନ ମିଶ୍ର, ରତିକାନ୍ତ ଦତ୍ତ, ବ୍ୟୋମନାଥ ରଥ, ସୁଦାମ ପାତ୍ର, ରମାକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇ ଖବରଦାତାଙ୍କ ଦାୟିତ୍ୱବୋଧତା ଓ ସାମ୍ବାଦିକତା କ୍ଷେତ୍ରରେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସୁଶାନ୍ତ କୁମାର ଦାସ, ବାସୁଦେବ ରାଉଳ ପ୍ରମୁଖ ସଙ୍ଗଠନର କର୍ମକର୍ତ୍ତା ସହଯୋଗ କରିଥିଲେ। ଉତ୍ତର ବାଲେଶ୍ୱରର ସଂଯୋଜକ ସୁକୁମାର ରଣା ଧନ୍ୟବାଦ ଦେଇଥିଲେ।

### ଅଟୋ ଓଲଟି ୬ ଆହତ, ଜଣେ ଗୁରୁତର

ଠାକୁରମୁଣ୍ଡା,୩୦।୭(ତାରାକାନ୍ତ ପଟ୍ଟନାୟକ): ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାର ସାତକୋଶିଆ ଘୋଡ଼ାଘାଟି ବାଙ୍କ ରାସ୍ତାରେ ରବିବାର ଏକ ଅଟୋ ଓଲଟି ୬ ଯାତ୍ରୀ ଆହତ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ଜଣକ ଧୋଅବଣୀ ଗ୍ରାମର ରେଙ୍ଗାର ହୋ। ସୂଚନା ଅନୁଯାୟୀ, ଆନନ୍ଦପୁର ଥାନା ଅନ୍ତର୍ଗତ ଗାୟମୁଣ୍ଡା ପଞ୍ଚାୟତ ଧୋଅବଣୀ ଗ୍ରାମରୁ ଏକ ଅଟୋ ଯୋଗେ ୧୦ ଜଣ ଶ୍ରମିକ ଧାନ ବିଲରେ କାମ କରିବାକୁ କାଠକଟା ଗ୍ରାମକୁ ଯାଇଥିଲେ। ସକାଳ ପ୍ରାୟ ୭.୩୦ ସମୟରେ ସାତକୋଶିଆ ନିକଟ ଘୋଳାଘାଟି ବାଙ୍କ ନିକଟରେ ଅଟୋ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ଗୁରୁତର ଓ ଆହତଙ୍କୁ ଉଦ୍ଧାର କରି ସାତକୋଶିଆ ଓ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ।

### ଖବରଦାତା ଅମର ନାୟକଙ୍କ ପରଲୋକ

ଭଦ୍ରକ, ୩୦।୭ (ସନାତନ ରାଉତ/ରବିନାରାୟଣ ଖିଲାର)- ଭଦ୍ରକ ଜିଲାର ବରିଷ୍ଠ ଖବରଦାତା ଅମର ନାୟକ(୬୫)ଙ୍କ ରବିବାର ସକାଳେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି। କିଛିଦିନ ତଳେ ହୃଦ୍‌ଘାତ ଚିକିତ୍ସା ହୋଇ ଘରକୁ ଫେରିଥିଲେ। ଶନିବାର ରାତିରେ ତାଙ୍କ ଛାତିରେ ଯନ୍ତ୍ରଣା ସହ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ମରଶରୀର ଭଦ୍ରକ ଅଣାଯିବା ପରେ ଏମ୍‌ପି ମଞ୍ଜୁଲତା



ମଣ୍ଡଳ, ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ନରେନ ପଲେଇ, ପୌରାଧ୍ୟକ୍ଷ ଗୁଲମକ୍କୀ ହବିବ, କଂଗ୍ରେସ ନେତା ସୁବ୍ରତ ଦାସ, ନଳିନୀ ମହାନ୍ତି, ଜ୍ୟୋତି ପ୍ରକାଶ ମହାନ୍ତି, ବିଜେଡି ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ଚିନ୍ତାମଣି ଦାସ, ତ୍ୟାଗଭୂମି ସଭାପତି ଅଜୟ ନାୟକ, ଆଇନଜୀବୀ ଗଦାଧର ବଳ, ପଙ୍କଜ ବଳ, ଅତିଶ ବେହେରା, ଲଲାଟେନ୍ଦୁ ମହାନ୍ତି, ଡା. ରବୀନ୍ଦ୍ର ନାୟକ, ରାଜେନ୍ଦ୍ର ପ୍ରସାଦ ଜେନା, ଶିକ୍ଷାବିତ୍ ଗଗନ ରାଉତ, ପ୍ରଭାକର ପରିଡ଼ା, ଖବରଦାତା ସନାତନ ରାଉତ, ରବି ନାରାୟଣ ଖିଲାର, ହରିହର ନାୟକ, ପାର୍ଥସାରଥୀ ନାୟକ, ଜ୍ଞାନ ପ୍ରକାଶ ପାଣି ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମୃତ ନାୟକଙ୍କ ସାନଭାଇ ଅଶୋକ ନାୟକ ଦୂରଦର୍ଶନ ଓ ଅଲ୍ ଇଣ୍ଡିଆ ରେଡିଓରେ କାର୍ଯ୍ୟ କରୁଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ଭାଇ କିଶୋର ନାୟକ, କାଳନ୍ଦୀ ନାୟକ, ମଣ୍ଟୁ ନାୟକଙ୍କ ସମେତ ଭଉଣୀ ଓ ପରିବାର ବର୍ଗ ଉପସ୍ଥିତ ଥିଲେ।

# ପରିବେଶ ପାର୍କ ପରିସର ଅପରିଷ୍କାର

- ■ଜମା ହୋଇଛି କୁଢ଼କୁଢ଼ ଅଳିଆ
- ■ଜଳାଶୟରେ ଆବର୍ଜନା ଭର୍ତ୍ତି
- ■ସାମଗ୍ରୀ ଚୋରି ହୋଇଗଲାଣି

କେନ୍ଦୁଝର,୩୦।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହରର ସର୍କିଟ ହାଉସ ଛକ ନିକଟରେ ନିର୍ମିତ ପରିବେଶ ପାର୍କର ପରିସର ଅପରିଷ୍କାର ହୋଇପଡ଼ିଛି। ରକ୍ଷଣାବେକ୍ଷଣ ଅଭାବରୁ ପାର୍କରୁ ବଲ୍‌ବ ଚୋରିହେବା ସହ ଦୋଳି ଆଦି ଭାଙ୍ଗିଗଲାଣି। ପରିସରରେ କୁଢ଼ କୁଢ଼ ଅଳିଆ ଜମା ହୋଇଥିବା ବେଳେ ଜଳାଶୟରେ ମଧ ବଟଲ୍ ଓ ଆବର୍ଜନା ଭାସୁଛି। ସଫେଇକୁ ନେଇ ଆଉଟସୋର୍ସିଂ ସଂସ୍ଥା ଓ ପୌର ପ୍ରଶାସନ ମଧ୍ୟରେ ଟଣାଓଟରା ହେଉଛି। ଫଳରେ ବାରମ୍ବାର ପୌର ପ୍ରଶାସନକୁ ଅଭିଯୋଗ କରାଗଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ସୂଚନା ଅନୁଯାୟୀ, ଜିଲାପାଳଙ୍କ ଆବାସ କାର୍ଯ୍ୟାଳୟ, ଉପ ଜିଲାପାଳଙ୍କ ଅଫିସ ତଥା ସର୍କିଟ ଅଫିସ ନିକଟରେ ୬୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚରେ ପରିବେଶ ପାର୍କ ନିର୍ମାଣ କରାଯାଇଛି। ପରିବେଶକୁ ସ୍ୱଚ୍ଛ ରଖିବା ସହ ସହରବାସୀ କିଛି ସମୟ କଟାଇବା ସହ ବ୍ୟାୟାମ କରିବା ପାଇଁ



ପାର୍କ ମଧ୍ୟରେ ଅଳିଆ ଗଦା ହୋଇଛି।

ଏହି ପାର୍କର ପରିକଳ୍ପନା କରାଯାଇଥିଲା। ରକ୍ଷଣାବେକ୍ଷଣ ଅଭାବରୁ ପରିସୀମାରେ ଘାସ, ଜଙ୍ଗଲ ହୋଇଯାଇଥିବାରୁ ସରୀସୃପଙ୍କ ବାସସ୍ଥଳୀ ପାଲଟିଛି। ପରିସରରେ ମଇଳା ଆବର୍ଜନା, ଡାଳପତ୍ର ଆଦି ପଡ଼ିଥିଲେ ହେଁ ଉଠାଯାଉ ନ ଥିବାରୁ ସୌନ୍ଦର୍ଯ୍ୟହାନି ଘଟୁଛି। ଜଳାଶୟରେ ପ୍ଲାଷ୍ଟିକ ଓ ଅନ୍ୟାନ୍ୟ ଆବର୍ଜନା ଭାସୁଥିବା ବେଳେ ସଫା ହେଉନାହିଁ। ପାର୍କରେ ସମୟ ବିତାଇବାକୁ ଏବଂ ବ୍ୟାୟାମ କରୁଥିବା ଲୋକଙ୍କ ପାଇଁ ବିପଦ ଆଶଙ୍କା ରହୁଛି। ଏଠାରେ ଲାଗିଥିବା ଦୋଳି ଓ ଓପନ ଜିମ୍(ବ୍ୟାୟାମ) ସରଞ୍ଜାମ ଭାଙ୍ଗିଯାଇଥିଲେ ହେଁ ମରାମତି କରାଯାଉନାହିଁ। ବସ୍‌ଷ୍ଟପ୍ ନିକଟରେ ଏହି ପାର୍କ ରହିଥିବାରୁ ଅନେକ ସମୟରେ ମଦ୍ୟପଙ୍କ ସୁରକ୍ଷିତ ବାର୍‌ରେ ପରିଣତ ହୋଇଛି। ସୁରକ୍ଷା ଅଭାବରୁ ବଲ୍‌ବ ଚୋରି ହୋଇଯାଉଥିବାରୁ ସିସିଟିଭି ଲଗାଇବାକୁ ଦାବି ହେଉଛି। ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଆଉଟସୋର୍ସିଂ ସଂସ୍ଥାକୁ ଦିଆଯାଇଥିଲେ ହେଁ ସମସ୍ୟା ସମାଧାନ ହୋଇପାରିନାହିଁ। ଆଉଟସୋର୍ସିଂ ସଂସ୍ଥା ଦାୟିତ୍ୱ ନେବା ପରେ ସଫେଇ କାମ ପୌରପାଳିକା ଉପରେ ଲଦୁଛି। ପୌରପାଳିକା ତଦାରଖ କରୁ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଛି। ଲକ୍ଷ ଲକ୍ଷ ଟଙ୍କାରେ ପାର୍କ ହୋଇଥିଲେ ବି ସୁଫଳ ସହରବାସୀ ପାଇପାରୁନାହାନ୍ତି ବୋଲି ସହର ନିବାସୀ ପ୍ରଦୀପ ମହାନ୍ତି କହିଛନ୍ତି। ଏ ନେଇ ପୌରାଧ୍ୟକ୍ଷ ବରୋଦା ପ୍ରସନ୍ନ ଦାସ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ସଂସ୍ଥାକୁ ଜଣାଇ ତୁରନ୍ତ ପଦକ୍ଷେପ ନେବାକୁ କହିଛନ୍ତି। ଆଉଟସୋର୍ସିଂ ସଂସ୍ଥାର ସୁପରଭାଇଜର ରଞ୍ଜିତ କୁମାର ରାଉତ କହିଛନ୍ତି, ସଫେଇ କାମ ପାଇଁ ପୌରପାଳିକାକୁ କୁହାଯାଇଛି। ମରାମତି କାମ ଶୀଘ୍ର କରାଯିବ ବୋଲି ସେ କହିଥିଲେ।

## ପ୍ରତିବନ୍ଧକ ସତ୍ତ୍ୱେ ଅଟକିନାହାନ୍ତି ଦୃଷ୍ଟିବାଧିତ ସଙ୍ଗୀତା

ଖଇରା,୩୦।୭(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକର ଦୃଷ୍ଟିବାଧିତ ଛାତ୍ରୀ ସଙ୍ଗୀତା ବେହେରା(୨୨)ଙ୍କ ଖ୍ୟାତି ବଢ଼ିବାରେ ଲାଗିଛି। ଜନ୍ମରୁ ୨ ଆଖି ହରାଇଥିବା ଛାତ୍ରୀଜଣକ ସବୁ ପ୍ରତିବନ୍ଧକକୁ ଆଡେଇ ଗୋଟିଏ ପରେ ଗୋଟିଏ ପାହାଚ ଅତିକ୍ରମ କରିଚାଲିଛନ୍ତି। ଝିଅର ଇଛାକୁ ସାକାର କରିବାକୁ ଚାଷ ଉପରେ ନିର୍ଭର କରି ଚଳୁଥିବା ମା' କବିତା ଓ ବାପା ପର୍ଶୁରାମ ଲାଗି ପଡିଛନ୍ତି। ଝିଅର ଇଛା ପୂରଣ କରିବାକୁ ସେମାନେ ଶେଷ ପର୍ଯ୍ୟନ୍ତ ଚେଷ୍ଟା କରିବେ ବୋଲି କହିଛନ୍ତି।

ସଙ୍ଗୀତାଙ୍କ ଘର ନନ୍ଦୁର ପଞ୍ଚାୟତ ଅସୁରିଆ ଗ୍ରାମରେ । ପ୍ରଥମ ସନ୍ତାନ ଭାବେ ଜନ୍ମରୁ ଦୃଷ୍ଟିଶକ୍ତି ହରାଇଥିବା ମା' ବାପା ଜାଣିବା ପରେ ଟିକେ ମନରେ କଷ୍ଟ ହୋଇଥିଲା । ସଙ୍ଗୀତାଙ୍କ ସାନ ଭାଇ ଓ ପଡୋଶୀ ଘର ପିଲାମାନେ ସ୍କୁଲ ଯିବା କଥା ଶୁଣି ତାର ମଧ୍ୟ ପଢିବାକୁ ଇଛା ହୋଇଥିଲା। ମା' ବାପା ଜାଣିବା ପରେ ତାଙ୍କୁ ବାଲେଶ୍ୱର ରାଣୀପାଟଣାସ୍ଥିତ ଅନ୍ଧସ୍କୁଲରେ ଭର୍ତ୍ତି କରାଇଥିଲେ। ସ୍କୁଲ ପଢିବା ଭିତରେ ନାଚ, ଗୀତ, ଗଳ୍ପ ଲିଖନ ଓ ବକ୍ତୃତା ଆଦି



ନିଜ ପରିବାର ସଦସ୍ୟଙ୍କ ସହ ସଙ୍ଗୀତା।

ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ହୋଇଥିଲେ। ୧୦ମ ଉତ୍ତୀର୍ଣ୍ଣ ହେବା ପରେ ମାର୍କୋଣା ବରୀସ୍ଥିତ କୁନ୍ତଳା କୁମାରୀ ମହାବିଦ୍ୟାଳୟରେ ଯୁକ୍ତ ୨ରେ ନାମ ଲେଖାଇ ୭୦ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ହେଲେ ଏତେଦୂର ଯିବା ପାଇଁ ଯାତାୟାତ ସୁବିଧା ନ ଥିବାରୁ ସବୁଦିନ ମହାବିଦ୍ୟାଳୟ ଯାଇ ପାରି ନ ଥିଲେ। ୟୁଟ୍ୟୁବରୁ ଶିକ୍ଷକଙ୍କ ପାଠ ପଢାକୁ ମନ ଦେଇ ଶୁଣି ଲେଖି ସଫଳତା ଲାଭ କରିଥିଲେ। ଏବେ ଖଇରା କଲେଜରେ +୩ କଳାରେ ନାମ ଲେଖାଇଛନ୍ତି। କ୍ଲାସକୁ ଯିବା ଜରୁରୀ ଥିବାରୁ ସବୁଦିନେ କିପରି କଲେଜ ଯିବେ ଏହି ଚିନ୍ତା ତାଙ୍କୁ ବ୍ୟସ୍ତ କରିପକାଇଛି। ଭତ୍ତାକୁ ଛାଡିଦେଲେ ଅନ୍ୟ କୌଣସି ସହାୟତା ତାଙ୍କୁ ମିଳିନାହିଁ। ଭବିଷ୍ୟତରେ ଜଣେ ଶିକ୍ଷୟିତ୍ରୀ କିମ୍ବା ଅଧ୍ୟାପିକା ହେବାକୁ ଇଛା ଥିବା ବେଳେ ସରକାରୀ ସହଯୋଗ ମିଳିଲେ ଉପକୃତ ହୋଇପାରନ୍ତେ ବୋଲି ସଙ୍ଗୀତା କହିଛନ୍ତି।

## ଭାଜପା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକଙ୍କ ମୃତଦେହ ଜବତ

ଘଟଗାଁ,୩୦।୭(ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ବାଇପାସଠାରୁ ୩୦୦ ମିଟର ଦୂର ଅଟେଇ ସଂରକ୍ଷଣ ଜଙ୍ଗଲର ପୁରୁଣାପାଣି ନିକଟ ଏକ ଗଛରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ଘଟଗାଁ ତହସିଲ ଅଫିସର ଅବସରପ୍ରାପ୍ତ କର୍ମଚାରୀ ଅଜୟ କୁମାର ସାହୁଙ୍କ ପୁଅ ପ୍ରବୀଣ କୁମାର ସାହୁ(୨୪)। ସେ ତହସିଲ କଲୋନୀରେ ଭଡ଼ାଘରେ ପରିବାର ସହ ରହୁଥିଲେ। ପ୍ରବୀଣ ଡିପ୍ଲୋମା ପାସ ପରେ ଭାଜପା ଯୁବମୋର୍ଚ୍ଚା ଘଟଗାଁ ମଣ୍ଡଳର ସାଧାରଣ ସମ୍ପାଦକ ଥିଲେ। ଶନିବାର ନିଜ ସ୍କୁଟିରେ ଘରୁ ଆସି ଆଉ ଫେରି ନ ଥିଲେ। ରବିବାର ତାଙ୍କ ମୃତଦେହ ଏକ ନିମ୍ବ ଗଛରେ ଝୁଲୁଥିବା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ମୃତଦେହ ନିକଟରେ ତାଙ୍କ ସ୍କୁଟି ରହିଥିଲା। ଖବର ପାଇ ଘଟଗାଁ ପୋଲିସ ପହଞ୍ଚି ମୃତଦେହ ଜବତ କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଖବର ଜାଣିବା ପରେ ଭାଜପା ମଣ୍ଡଳ ସଭାପତି ଗୋଲକ ବଳ, ଯୁବ ମୋର୍ଚ୍ଚା ସଭାପତି ସତ୍ୟମ ଦେହୁରୀ, ଉପରଡିହା ସରପଞ୍ଚ ରିମାଲତା ନାଏକ, ସମିତି ସଭ୍ୟା ପାର୍ବତୀ ବାର୍ଲା, ଶରତ ବେଜ, ମକରଧଜ ବେହେରା, ପ୍ରୀତମ ରୋଶନ ମହାପାତ୍ର, ରୁଦ୍ରପ୍ରସାଦ ବେହେରା ପ୍ରମୁଖ ନିଜ ଘର ପାଟଣା ବ୍ଲକ୍ ରାଜନଗର ନିକଟ ମୁରସୁଆଁରେ ପହଞ୍ଚି ଅନ୍ତିମ ଦର୍ଶନ ଶହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।

## ବ୍ଲକ୍‌ସ୍ତରୀୟ ସମ୍ମିଳନୀରେ ଦିବ୍ୟାଙ୍ଗଙ୍କ ରୋଜଗାର ଉପରେ ଗୁରୁତ୍ୱ

ଚାନ୍ଦବାଲି, ୩୦।୭(କିଶାନ ପାତ୍ର)

ଓଡ଼ିଶା ବିକଳାଙ୍ଗ ମଞ୍ଚର ଚାନ୍ଦବାଲି ଶାଖା ପକ୍ଷରୁ ଏନ୍‌ଏସିସ୍ଥିତ ବିଜୁ ସ୍ମୃତି ଭବନଠାରେ ଶନିବାର ବ୍ଲକସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୩୬ ପଞ୍ଚାୟତରୁ ୨୫୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଏଥିରେ ଯୋଗ ଦେଇଥିଲେ। ଜିଲା ସମ୍ପାଦକ ମନୋରଞ୍ଜନ ତ୍ରିପାଠୀଙ୍କ ପୌରୋହିତ୍ୟ ଏବଂ ବ୍ଲକ ସଭାପତି ଅମୂଲ୍ୟ କୁମାର ମହାଲିକଙ୍କ ସଭାପତିତ୍ୱରେ ମଞ୍ଚର ରାଜ୍ୟ ସଭାପତି ନିରଞ୍ଜନ ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ମଞ୍ଚ ଦ୍ୱାରା ଦିବ୍ୟାଙ୍ଗ ଭଉଣୀ, ଭାଇମାନଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଓ ସେମାନେ କିପରି ରୋଜଗାରକ୍ଷମ ହୋଇପାରିବେ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ମୁଖ୍ୟଅତିଥି ଜିଲା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅଧିକାରୀ ପବିତ୍ର ମୋହନ ଦାସ, ଅନ୍ୟତମ ଅତିଥି ଭାବେ ବନ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରକାଶ କୁମାର ସାହୁ, ମଞ୍ଚ ରାଜ୍ୟ କମିଟି ସଦସ୍ୟ ନାରାୟଣ ପ୍ରଧାନ ଓ ନାରାୟଣ ବେହେରା ଯୋଗଦେଇ ଦିଗ୍‌ଦର୍ଶନ ଦେଇଥିଲେ। ରାଜ୍ୟ ସହସମ୍ପାଦକ ଅକ୍ଷୟ କୁମାର ସାହୁ ସଂଯୋଜନା କରିଥିଲେ।

# ମତଭେଦ ନ ରଖି ବିକାଶଧାରାକୁ ଆଗେଇନେବାକୁ ଆହ୍ୱାନ

## ବିଜେଡିର ସାଙ୍ଗଠନିକ ବୈଠକ

କରଞ୍ଜିଆ (କବିତା ମହାନ୍ତ)/ବାଙ୍ଗିରିପୋଷି (ସଞ୍ଜୟ ଅଗ୍ରୱାଲ), ୩୦।୭

ମୟୂରଭଞ୍ଜ ଜିଲା କରଞ୍ଜିଆ ଓ ବାଙ୍ଗିରିପୋଷିରେ ରବିବାର ବିଜେଡିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ପୂର୍ବାହ୍ନରେ କରଞ୍ଜିଆସ୍ଥିତ ପ୍ରଶାନ୍ତି କନଭେନ୍‌ଶନ ହଲ୍‌ରେ ଅନୁଷ୍ଠିତ ବୈଠକରେ ମୟୂରଭଞ୍ଜ ପର୍ଯ୍ୟବେକ୍ଷକ ଜନ୍ମେଜୟ ଲେଙ୍କା ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସାଙ୍ଗଠନିକ ସାଧାରଣ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଦଳକୁ ଏବେଠାରୁ ପ୍ରସ୍ତୁତ ରଖିବା ବୈଠକର ମୂଳ ଲକ୍ଷ୍ୟ ବୋଲି ପ୍ରକାଶ କରିବା ସହ ନବୀନ ପଟ୍ଟନାୟକଙ୍କ ବିକାଶଧାରାକୁ ଆହୁରି ଆଗକୁ ନେବା ପାଇଁ ଆହ୍ୱାନ ଦେଇଥିଲେ। ଦଳ ଭିତରେ କୌଣସି ମତଭେଦ ନ ରଖି ସମସ୍ତେ ଓଡ଼ିଶାର ବିକାଶ ପଥେ ସହଯୋଗ କରିବାକୁ ନିବେଦନ କରିଥିଲେ। ଦଳ ଭିତରେ ସଂଘବଦ୍ଧ ହୋଇ ରହିବା ଓ ଓଡ଼ିଶା ବିକାଶ ଦିଗରେ ସହଯୋଗ କରିବା ପାଇଁ ସମସ୍ତଙ୍କୁ ନିବେଦନ କରିଥିଲେ। ସ୍ଥାନୀୟ ବିଧାୟକ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି, ବାସନ୍ତୀ ହେମ୍ବ୍ରମ, ସୁବ୍ରତ ଛାଟୋଇ, ସୁବ୍ରତ ସେଠୀ, ଦେବପ୍ରିୟ ପାତ୍ର, ଦିଲୀପ ସାହୁ, ଗିରିଧାରୀ ପୃଷ୍ଟି ଓ ହରିଶ ନାୟକ ପ୍ରମୁଖ ଯୋଗ ଦେଇ ଦଳକୁ ସଂଘବଦ୍ଧ ଭାବେ ଲଢ଼ିବା ପାଇଁ ମାର୍ଗଦର୍ଶନ ଦେଇଥିଲେ।

ଏହାପରେ ଅପରାହ୍ନରେ ବାଙ୍ଗିରିପୋଷିସ୍ଥିତ ସାଇକୃପା କଲ୍ୟାଣମଣ୍ଡପ ପରିସରରେ ବିଜେଡିର ସାଙ୍ଗଠନିକ ବୈଠକ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସଭାପତି ବୀରକିଶୋର ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଯୋଗ ଦେଇଥିଲେ। ଜିଲା ସଂଯୋଜକ ଜନ୍ମେଜୟ ଲେଙ୍କା ଓ ସୁବ୍ରତ କୁମାର ଛାଟୋଇ, ଏସ୍‌ଡିସି ଅଧ୍ୟକ୍ଷ ଡ. ଦେବାଶିଷ ମାର୍ଣ୍ଡି, ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ ବିଧାୟକ ଅଜେନ ମୁର୍ମୁ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିସହିତ ବିଜୁ ଜନତା ଦଳର ସଙ୍ଗଠନ ସୁଦୃଢ଼ ହେବାକୁ ହେଲେ ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ପ୍ରଚାର ପ୍ରସାର ପାଇଁ ସଦସ୍ୟମାନେ ଆଗେଇ ଆସି ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ନିର୍ବାଚନ ମଣ୍ଡଳୀୟ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ ସାଙ୍ଗଠନିକ ସମ୍ପାଦକ ଦାସ । ଅନ୍ୟମାନଙ୍କ ମଧ୍ୟରେ ସଦର ମହିଳା ସଭାନେତ୍ରୀ ଦୀପ୍ତିଲତା ମିଶ୍ର, ଜୋନ ମହିଳା ସଭାନେତ୍ରୀ ବୀଣାପାଣି ସାହୁ, ଜିଲା ପରିଷଦ ସଭ୍ୟ ରାମଚନ୍ଦ୍ର ମୁର୍ମୁ, ଦୁର୍ଗା ମାର୍ଣ୍ଡି, ଆନନ୍ଦ ଟୁଡୁ ଓ ପାର୍ବତୀ ସିଂ, ଜୋନ ବିଜେଡି ଯୁବ ସଭାପତି ସୁବୋଧ ମାର୍ଣ୍ଡି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରିୟନାଥ ମାର୍ଣ୍ଡି, କୁଳିଅଣା ବ୍ଲକ ବିଜେଡି ସଭାପତି ଶୁଭ୍ରାଂଶୁ ଦେ ବାବୁ , କୁଳିଅଣା ବ୍ଲକ ଅଧ୍ୟକ୍ଷ ଦୀପିକା ସିଂ,ଶାମାଖୁଣ୍ଟା ବ୍ଲକ ଅଧ୍ୟକ୍ଷ ଚନ୍ଦ୍ର ମୋହନ ସିଂ, ଯୁବନେତା ବିଶ୍ୱଜିତ ଶର୍ମା, ମନୋଜ ଦାସ, ଅମର ସେଠୀ, ନିର୍ବାଚନୀ ମଣ୍ଡଳର ସମସ୍ତ ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ସମିତି ସଭ୍ୟସଭ୍ୟା, ସରପଞ୍ଚ, ମହିଳା ବିଜେଡି, ଯୁବ ବିଜେଡି ଏବଂ ଛାତ୍ର ବିଜେଡିର ନିର୍ବାଚନ ମଣ୍ଡଳୀସ୍ତରୀୟ କର୍ମକର୍ତ୍ତା ସମୂହ ଉପସ୍ଥିତ ଥିଲେ । ଏହି ଅବସରରେ ବିଭିନ୍ନ ଦଳରୁ ବହୁ କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ନୂତନ ଭାବେ ଯୋଗ ଦେଇଥିବା କର୍ମକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା ।



ବାଙ୍ଗିରିପୋଷିଠାରେ ଅନୁଷ୍ଠିତ ବୈଠକରେ ଅନ୍ୟ ଦଳର କର୍ମୀଙ୍କୁ ସ୍ୱାଗତ କରାଯାଉଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com



@ଗୋପୀ



@ଜ୍ୟୋତିପ୍ରକାଶ



@ସିପୁନ୍

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## 'କେନ୍ଦ୍ର ଯୋଜନାର ସୁଫଳ ଗରିବଙ୍କ ପାଖରେ ପହଞ୍ଚୁ'





ସଭାରେ ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଭାଜପା ନେତୃବୃନ୍ଦ।

### ଭାଜପାର ମହାଜନସଭା

ବାସୁଦେବପୁର, ୩୦।୭ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ଆର୍ଡ୍ଡୁଂଠାରେ ଭାଜପା ପକ୍ଷରୁ ରକ୍ତତୀର୍ଥ ମଣ୍ଡଳର ମହାଜନସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକାଳର ୯ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋଚନା କରି ଏହାର ସୁଫଳ କିପରି ଗରିବ ଲୋକଙ୍କ ପାଖରେ ପହଞ୍ଚି ପାରିବ ସେ ଦିଗରେ ପ୍ରତ୍ୟେକ କର୍ମୀ ଧ୍ୟାନ ଦେବା ଦରକାର ବୋଲି ବିଧାୟକ କହିଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ଭାଜପା ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମାଧବାନନ୍ଦ ମଲିକ, ସାଧାରଣ ସମ୍ପାଦକ ଅଭିମନ୍ୟୁ ସେଠୀ, ଜିଲା ସଭାପତି ହେମନ୍ତ କୁମାର ପାଢ଼ୀ, ପୂର୍ବତନ ଜିଲା ଉପସଭାପତି ଅଶୋକ କୁମାର ସାହୁ ପ୍ରମୁଖ ମତ ରଖିଥିଲେ। ମଣ୍ଡଳ ସଭାପତି ତଥା ପୂର୍ବତନ ସରପଞ୍ଚ କୈଳାସ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଜିଲା ଉପସଭାପତି ଉଦୟ ନାରାୟଣ ମଲିକ, ନିର୍ମଳ ପଣ୍ଡା, ଜିଲା କୋଷାଧ୍ୟକ୍ଷ ଜୟପ୍ରକାଶ ମଲିକ, କାଳୁ ମହାନ୍ତିଙ୍କ ସମେତ ବିଭିନ୍ନ ପଞ୍ଚାୟତର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଟାଟା ଷ୍ଟିଲ ପକ୍ଷରୁ ଜେଆରଡି ଟାଟାଙ୍କ ଜୟନ୍ତୀ ପାଳିତ





କମ୍ପାନୀ କର୍ମଚାରୀମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି।

ଯୋଡ଼ା,୩୦।୭(ମାନସ ମହାନ୍ତି)

ଟାଟା ଷ୍ଟିଲ ପକ୍ଷରୁ ଜେଆରଡି ଟାଟାଭାବେ ପରିଚିତ ଭାରତ ରତ୍ନ ଜେହାଙ୍ଗୀର ରତନଜୀ ଦାଦାଭୋୟ ଟାଟାଙ୍କ ୧୧୯ତମ ଜୟନ୍ତୀ ପାଳନ କରାଯାଇଛି। ଶନିବାର ଜେସିଓଠାରେ କମ୍ପାନୀର ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ୟୁନିୟନ ପ୍ରତିନିଧିଙ୍କ ଉପସ୍ଥିତିରେ ଟାଟା ଷ୍ଟିଲ ଯୋଡ଼ା ମୁଖ୍ୟ ରାଜେଶ କୁମାର ଏହି କିମ୍ବଦନ୍ତୀ ବ୍ୟକ୍ତିତ୍ୱ ତଥା ଭାରତୀୟ ବିମାନ ଚଳାଚଳ କ୍ଷେତ୍ରର ଜନକଙ୍କୁ ପୁଷ୍ପ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିବା ସହ ଜୟନ୍ତୀ ପାଳନର ଶୁଭାରମ୍ଭ କରିଥିଲେ। ସେହିପରି ଯୋଡ଼ା ଇଷ୍ଟ ଖଣି, ଖଣ୍ଡବନ୍ଧ ଖଣି, ମାଙ୍ଗାନିଜ ଗ୍ରୁପ ଅଫ ମାଇନ୍ସ, ବିଛାକୁଣ୍ଡି ଓ ଯୋଡ଼ା ଫେରୋ ଆଲଏଜ କାରଖାନାରେ ମଧ୍ୟ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଟାଟା ଡିଏଭି ପବ୍ଲିକ ସ୍କୁଲରେ ଏକ କୁଇଜ କାର୍ଯ୍ୟକ୍ରମ ଆୟୋଜିତ କରାଯାଇ କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ କମ୍ପାନୀ ପକ୍ଷରୁ ଚାରା ବଣ୍ଟନ, କୁଇଜ ପ୍ରତିଯୋଗିତା ଏବଂ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

